## ସଂକ୍ଷେପରେ

### କାର ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ

ଜୁନାଗଡ଼, ୧୬।୩ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଚିଚିଁଗୁଡା ଛକରେ ଶୁକ୍ରବାର ମଧ୍ୟ ରାତିରେ କାର ଦୁର୍ଘଟଣାରେ ଜଣେ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ କାର ଚାଳକଙ୍କ ନାମ କାନ୍ତ ମେହେର(୪୫)। ସେ ନକଟିଗୁଡା ଗ୍ରାମର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, କାନ୍ତ ଶୁକ୍ରବାର ମଧ୍ୟ ରାତ୍ରିରେ ବଣ୍ଡାକୁତ୍ରା ପଟରୁ ନିଜ କାର ନଂ. ଓଡ଼ି ୧୩ ଏ-୭୪୬୪ ରେ ଘରକୁ ଫେରୁଥିଲେ। ହେଲେ ଚିଚିଁଗୁଡା ଛକଠାରେ ହଠାତ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କ କାର ଓଲଟି ପଡିବାରୁ ସେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷିତ କରିଥିଲେ। ଶନିବାର ପୂର୍ବାହ୍ନରେ ପୋଲିସ ଉପସ୍ଥିତିରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା।

### ଆଶ୍ରୟ ସ୍ଥଳୀ ଉଦ୍‌ଘାଟିତ

ନୂଆପଡ଼ା, ୧୬।୩(ମକାରୁ ବେମାଲ)

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଖାସବାହାଲ ଗ୍ରାମପଞ୍ଚାୟତରେ ନିର୍ମିତ ଆଶ୍ରୟସ୍ଥଳୀ ଉଦଘାଟିତ ହୋଇଯାଇଛି। ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା ଏହାର ଉଦଘାଟନ କରି ଏହାଦ୍ୱାରା ଆମ ବ୍ୟାଙ୍କ ଓ ଗ୍ରାମ ପଞ୍ଚାୟତକୁ ବିଭିନ୍ନ କାମକୁ ଆସୁଥିବା ବୃଦ୍ଧିବୃଦ୍ଧା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ବିଶ୍ରାମ ନେଇ ପାରିବେ ଓ ସେମାନଙ୍କ ପାଇଁ ପାନୀୟ ଜଳ ଓ ଶୌଚାଳୟ ସୁବିଧା କରାଯାଇଛି ବୋଲି କହିଥିଲେ। ଗୃହ ପ୍ରତିଷ୍ଠା ଉତ୍ସବରେ ସମିତି ସଭ୍ୟ ହେମନ୍ତ ଶବର କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଦୁର୍ବାଦଳ ହୋତା ପୂଜକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂର୍ବତନ ସରପଞ୍ଚ ସନ୍ତୋଷ ନିଆଲଙ୍କ ସମେତ ଯୋଗେଶ୍ୱର ହଂସ, ଦୁର୍ଯ୍ୟୋଧନ ହଂସ, ଦ୍ୟୁତିନ୍ଦ୍ର ବାଗ, ମନଧର ମାଝି ଓ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ସାମିଲ ହୋଇଥିଲେ।

### ଉଦନ୍ତୀ ମହୋତ୍ସବରେ କବିତା ଆସର

ସିନାପାଲି, ୧୬।୩(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲିଠାରେ ଚାଲିଥିବା ଉଦନ୍ତୀ ମହୋତ୍ସବ ଶନିବାର କବିତା ଆସର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି କର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ନାଥ ଯୋଷୀ ସଭାପତିତ୍ୱ କରିଥିଲେ। ଡାକ୍ତର ଅନୁରାଗ ପାଣିଗ୍ରାହୀ, କମିଟି ସମ୍ପାଦକ ବୈଷ୍ଣବ ମେହେର, ଉପସଭାପତି ପ୍ରିୟରଞ୍ଜନ ମେହେର, ପ୍ରଦୀପ ଜୈନ, ଅଜିତ ଯୋଷୀ, ସହସମ୍ପାଦକ ଆଲୋକ ମେହେର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଦ୍ୟୁମ୍ନ କୁମାର ସିଂହ ଚିହ୍ନା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଯୁବକବି ବେଣୁଧର ମେହେର, କବୟିତ୍ରୀ ଛନ୍ଦାମୟୀ ମିଶ୍ରଙ୍କ ସଂଯୋଜନାରେ ଚିନ୍ତାମଣି ସାହୁ, ମୁରଲୀଧର ସା, ବୈଷ୍ଣବ ମେହେର, ବିଜୟ କୁମାର ଯୋଷୀ, ଶିବପ୍ରସାଦ ମେହେର, ଭ୍ରମରବର ବାଗ, ରଶ୍ମିରଞ୍ଜନ ସା, ନିଲାଞ୍ଚଳ ମେହେର, ଅଞ୍ଜନ କୁମାର ପ୍ରଧାନ, ଅର୍ଜ୍ଜୁନ ନାଏକ, ଅର୍ଜ୍ଜୁନ ନାଗ, ନରସିଂହ ମେହେର ପ୍ରମୁଖ କବିକବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସୀମାଞ୍ଚଳ ମେହେର, ମଣ୍ଟୁ ମେହେର ସହଯୋଗ କରିଥିଲେ। ପ୍ରଭାତ କୁମାର ମେହେର ଧନ୍ୟବାଦ ଦେଇଥିଲେ।

# ଲୋକଙ୍କ କାମରେ ଆସୁନି ଶୌଚାଳୟ





ଥୁଆମୂଳ ରାମପୁର, ୧୬।୩(ଦୁର୍ଗା କୀର୍ତ୍ତି)

- କାର୍ଯ୍ୟକ୍ଷମ ନ ହୋଇ ପଡ଼ିଛି ଶୌଚାଳୟ
- ଅଚଳାବସ୍ଥାରେ ପଡିଛି ବସଷ୍ଟାଣ୍ଡ ଶୌଚାଳୟ
- ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯାତ୍ରୀ

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାକୁ ପ୍ରତିଦିନ ବିଭିନ୍ନ କାର୍ଯ୍ୟ ପାଇଁ ଲୋକଙ୍କ ସମାଗମ ହେଉଛି। ଏଠାକୁ ଭୁବନେଶ୍ୱର, ରାୟଗଡା ଓ ଭବାନୀପାଟଣା ସମେତ ଅନେକ ଗ୍ରାମ ପଞ୍ଚାୟତରୁ ଲକ୍ଷ୍ମୀ ବସ ଚଳାଚଳ ହେଉଛି। ଦିନକୁ ଦିନ ଲୋକଙ୍କ ସମାଗମ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଗତ ୭ବର୍ଷ ତଳେ ୫ ଲକ୍ଷ ଟଙ୍କାରେ ଏକ ଶୌଚାଳୟ ନିର୍ମାଣ ହୋଇଥିଲା। କିନ୍ତୁ ନିର୍ମାଣର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତେବେ କେଉଁ ଉଦ୍ଦେଶରେ ଏହା କାର୍ଯ୍ୟକ୍ଷମ କରାଯାଇପାରିଲା ନାହିଁ ବୋଲି ଯାତ୍ରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ବାରମ୍ବାର ବ୍ଲକ ପ୍ରଶାସନ ଅଭିଯୋଗ କରିବା ସତ୍ତ୍ୱେ ଏହାକୁ ବ୍ଲକ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ଆସୁଛି। ସେହିଭଳି ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟ ଭଙ୍ଗା ଦଦରା ଅବସ୍ଥାରେ ପଡ଼ିରହିଆଛି କମ୍ୟୁନିଟି ଶୌଚାଳୟ। ବ୍ଲକକୁ ଆସୁଥିବା ଅନେକ ଲୋକଙ୍କ ପାଇଁ ଗତ ୨୦-୨୧ରେ ଏକ କମ୍ୟୁନିଟି ଟୟଲେଟ ତିନି ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିଲା। ତାହା ମଧ୍ୟ ଅଚଳବସ୍ଥାରେ ପଡ଼ିରହିଛି। ଏହା କୌଣସି ସ୍ଥାନରେ ନାହିଁ ଯେଉଁଠି କି ବିଡ଼ିଓ, ଏଇଙ୍କ ଅଫିସ ସାମ୍ନାରେ ରହିଛି। ଏଥିରେ ପାଣି ନାହିଁ, ସଫାସୁତୁରା ନାହିଁ, ଦୁର୍ଗନ୍ଧରେ ଫାଟି ପଡୁଛି ସେହି ଶୌଚାଳୟ। ପାଇପ ଫାଟି ଯାଇଥିବା ଦେଖିବାକୁ ମିଳୁଛି। ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଏହି ଶୌଚାଳୟ ଉର୍ଦ୍ଦିଷ୍ଟ ଥିବା ବେଳେ ମହିଳା ସରପଞ୍ଚ ମହିଳା ସମିତି ସଭ୍ୟା ତଥା ବ୍ଲକକୁ ଆସୁଥିବା ଶହ ଶହ ମହିଳା ଅସୁବିଧା ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳେ। ଏ ନେଇ ବ୍ଲକ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲିଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କି ମୁଁ ଏ ବିଷୟରେ ଆଗରୁ ଜାଣି ନ ଥିଲି। ମୁଁ ନୂଆଁନୂଆଁ ଆସିଛି। ଆଉ ଯାହାବି ସମସ୍ୟା ଅଛି ତୁରନ୍ତ ତାହାର ପଦକ୍ଷେପ ନେବା ସହ ଏହି ୨ଟି ଶୌଚାଳୟ ଜନସାଧାରଣ ଉପଯୋଗ କଲାଭଳି କରିବା ପାଇଁ ଚେଷ୍ଟା କରୁଛି କହିଲେ। ଦେଖିବାକୁ ବାକିରହିଲା ଖବର ପ୍ରସାରଣ ହେବା ପରେ ବିଡିଓ ବା ବ୍ଲକ କର୍ତ୍ତୃପକ୍ଷ ଏହି ବିଷୟକୁ ଗୁରୁତ୍ୱ ସହ ନେଇ କଣ ସବୁ ପଦଖେପ ଗ୍ରହଣ କରୁଛନ୍ତି। ଆଉ ଶୌଚାଳୟ ଦ୍ୱୟ କେବେ କାର୍ଯ୍ୟକ୍ଷମରେ ଆସୁଛି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର କଲେ ବିଧାୟକ

କର୍ଲାମୁଣ୍ଡା, ୧୬।୩(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ନର୍ଲା ବିଧାୟକ ଭୂପିନ୍ଦର ସିଂଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ବ୍ଲକ ସଦରରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସହିତ ଯନ୍ତ୍ରୀଙ୍କ ବାସଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିରେ ବ୍ଲକ ଅଧକ୍ଷା କୁନି ସାହୁ, ଉପାଧକ୍ଷ ସୁରେନ୍ଦ୍ର ଭୋଇ, ପୂର୍ବତନ ସରପଞ୍ଚ ଶେଷ ଦେବ ସାହୁ, ସଙ୍ଗୀତ ଭୋଇ, ବିରଞ୍ଚି ରଣା, ଘିନୁ ସାହୁ, ଦୟା ରଣା, ଯୁବରାଜ ସାହୁ, ଅର୍ଜ୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକର ରିଷିଡାଠାରେ ଇରିଗେସନ କଲୋନୀର ଉନ୍ନତିକରଣ ପାଇଁ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ସମିତି ସଭ୍ୟ ନିମାଇଁ ଚରଣ ବେହେରା, ଶିଲାଲ କେଡ଼ିଆ, ନାରାୟଣ ରଣା, ତ୍ରିସଙ୍କ ରଣା, ନରୋତ୍ତମ ସେଲମା, ସୀମାଞ୍ଚଳ ଭୋଇ, ସଲିମ ଶେଖର ରଣା ପ୍ରମୁଖ ଉପସ୍ଥିତ ଥିଲେ।



ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

# ପ୍ରିଜାଇଡିଂ ଅଧିକାରୀ, ପ୍ରଥମ ପୋଲିଂ ଅଧିକାରୀଙ୍କ ତାଲିମ



ତାଲିମ କାର୍ଯ୍ୟକ୍ରମ ଆରମ୍ଭରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ଭବାନୀପାଟଣା, ୧୬।୩(ଉତ୍ତମ କୁମାର ଦାଶ)

ସାଧାରଣ ନିର୍ବାଚନ-୨୦୨୪ ପାଇଁ କଳାହାଣ୍ଡି ଜିଲାର ପ୍ରିଜାଇଡିଂ ଅଧିକାରୀ ଓ ପ୍ରଥମ ପୋଲିଂ ଅଧିକାରୀଙ୍କୁ ନେଇ ନିର୍ବାଚନ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଭବାନୀପାଟଣା ଉପଖଣ୍ଡ ଅନ୍ତର୍ଗତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ୭ଟି କକ୍ଷରେ ଓ ସରକାରୀ ମହିଳା ମହାବିଦ୍ୟାଳୟର ୭ଟି କକ୍ଷରେ, ଧର୍ମଗଡ ଉପଖଣ୍ଡ ଅନ୍ତର୍ଗତ ସିଟି ସ୍କୁଲ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ତାଲିମ କାର୍ଯ୍ୟକ୍ରମ ଚାଲିଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏଲଏମଟି ଓ ଡିଏଲଏମଟି ରୂପେ ନିୟୋଜିତ ବିଡିଓ, ତହସିଲଦାର ଓ ଅନ୍ୟ ଅଧିକାରୀ ତାଲିମ ପ୍ରଦାନ କରୁଛନ୍ତି। ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ବୁଥ ପର୍ଯ୍ୟନ୍ତ ଯିବେ, ଇଭିଏମ ଓ ଭିଭି ପାଟ ମେଶିନ ସଂଯୋଗ ଓ କାର୍ଯ୍ୟକାରିତା, କଣ୍ଟ୍ରୋଲ ୟୁନିଟ ବ୍ୟବହାର, ଭୋଟ ଦାନ ପ୍ରକ୍ରିୟା ଶୃଙ୍ଖଳିତ, ସେକ୍ଟର ଅଧିକାରୀଙ୍କୁ ସୂଚନା ଓ ଯୋଗାଯୋଗ ଉପରେ ବିଶେଷ ତାଲିମ ନେବେ। ଧର୍ମଗଡ ଉପଖଣ୍ଡରେ ମୋଟ ୧୪୮୨ଜଣ ଓ ଭବାନୀପାଟଣା ଉପଖଣ୍ଡରେ ମୋଟ ୧୮୫୬ଜଣ ତିନି ପର୍ଯ୍ୟାୟ କ୍ରମେ ରବିବାର ଯାଏଁ ତାଲିମ ନେବେ। ଜିଲାରେ ମୋଟ ୧୪୧୨ଟି ବୁଥରେ ତାଲିମ ନେଉଥିବା କର୍ମଚାରୀ ଭୋଟ ଗ୍ରହଣ ଦିନ ଭୋଟଦାନ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ଦାୟିତ୍ୱ ନିର୍ବାହ କରିବେ। ଭବାନୀପାଟଣା ଉପଖଣ୍ଡ ପାଇଁ ଭବାନୀପାଟଣା ଉପଜିଲାପାଳ ଡ଼ ବିଶ୍ୱଜିତ ଦାସ, ନିର୍ବାଚନ ସଂଯୁକ୍ତ ଅଧିକାରୀ ବିବେକାନନ୍ଦ ମହାନନ୍ଦ ଓ ଧର୍ମଗଡ ଉପଖଣ୍ଡ ପାଇଁ ଧର୍ମଗଡ ଉପଜିଲାପାଳ ଧୀମନ ଚକମା ଓ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ପ୍ରତ୍ୟକ୍ଷ ଭାବେ ପରିଚାଳନା କରୁଛନ୍ତି।

# ଗର୍ଭବତୀଙ୍କ ସନ୍ଦେହଜନକ ମୃତ୍ୟୁ

ପଲମ, ୧୬।୩(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଗିଗିନା ପଞ୍ଚାୟତସ୍ଥିତ ଗିଗିନା ଗ୍ରାମରେ ଜଣେ ଗର୍ଭବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେ ହେଲେ ଶିବାନୀ ସାହୁ(୨୨)। ଗିଗିନା ଗ୍ରାମର ଅଜିତ ସାହୁ (୨୬)ଙ୍କ ସହ ବେଲଗାଁ ଗ୍ରାମର ଶିବାନୀଙ୍କ ୨୦୨୦ରେ ବିବାହ ହୋଇଥିଲା। ତାଙ୍କର ୩ବର୍ଷର ପୁଅଟିଏ ଅଛି ଓ ବର୍ତ୍ତମାନ ଶିବାନୀ ୪ ମାସର ଗର୍ଭବତୀ ଥିଲେ। ଦୀର୍ଘ ଦିନ ହେଲା ପାରିବାରିକ ଗଣ୍ଡଗୋଳ ଲାଗିରହିଥିଲା। ଅନେକ ଥର ସମାଧାନ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଏପରିସ୍ଥଳେ ଝିଅ ପରିବାରବର୍ଗ ନିଜଝିଅକୁ ଜ୍ୱାଇଁ ଘରେ ଛାଡି ଦେଇଥିଲେ। ଗତ କିଛି ମାସ ହେବ ଶିବାନୀଙ୍କୁ ନିର୍ଯାତନା ଦେଉଥିଲେ। ଶୁକ୍ରବାର ରାତି ୧୦ଟାରେ ଅଜିତ ଶ୍ୱଶୁର ଘରକୁ ଫୋନ କରି ତମ ଶିବାନୀ ବେକରେ ଶାଢିବାନ୍ଧି ଆତ୍ମହତ୍ୟା କରିଥିବା ଖବର ଦେଇଥିଲେ। ହେଲେ ଝିଅ ଘର ଲୋକେ ଆସି ଦେଖିବା ସମୟରେ ମୃତଦେହ ତଳେ ପଡିରହିଥିଲା। ଏହାକୁ ସନ୍ଦେହ କରି ଝିଅ ପକ୍ଷ କେସିଙ୍ଗା ଥାନାରେ ଅଭିଯୋଗ କରିଥିଲେ। କେସିଙ୍ଗା ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ପଲମ ଫାଣ୍ଡି ଅଧିକାରୀ ସଦଳବଳସହ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଥିଲେ। ଶନିବାର କେସିଙ୍ଗା ଥାନା ଅଧିକାରୀ, ପଲମ ପଲମ ଫାଣ୍ଡି ଅଧିକାରୀ, ନର୍ଲା, ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରି କେସିଙ୍ଗା ସରକାରୀ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁହସ୍ତାନ୍ତର କରିଥିଲେ। ଶିବାନୀଙ୍କ ପରିବାରଙ୍କ ଅଭିଯୋଗମୁତାକ କେସିଙ୍ଗା ପୋଲିସ ଦଫା ୪୯୮ଏ, ୩୦୨, ୩୦୪ଏ/୩୪ ଆଇପିସି ୪ଡିପି ଆକ୍ଟରେ ମାମଲା (ନଂ.୧୧୫/୨୦୨୪) ରୁଜୁ କରି ଅଜିତଙ୍କୁ ପଚରାଉତୁରା ଜାରିରହିଛି।

# ଅବସରପ୍ରାପ୍ତ କୃଷି ଅଧିକାରୀଙ୍କ ମୃତ୍ୟୁ

କୋକସରା, ୧୬।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଗ୍ରାମର ଜଣେ ଅସରପ୍ରାପ୍ତ କୃଷି ଅଧିକାରୀ ଅଶୋକ କୁମାର ପ୍ରଧାନୀ (୬୫)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଶୁକ୍ରବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଦୀର୍ଘ ଦିନ ଧରି ସେ ଉଚ୍ଚ ରକ୍ତଚାପ, ମଧୁମେହ ରୋଗରେ ପୀଡିତ ରହିଥିବାବେଳେ ଗତ କିଛିଦିନ ତଳେ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଘରୋଇ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ଶନିବାର ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାର, ଆତ୍ମୀୟସ୍ୱଜନ ଜ୍ଞାତି କୁଟୁମ୍ବ ଓ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଗାଁ ଶ୍ମଶାନରେ ଅନ୍ତିମ ସତ୍କାର ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅବନୀ ରଞ୍ଜନ ପ୍ରଧାନୀ ମୁଖାଗ୍ନି ଦେଇଥିଲେ।

# ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ କାର୍ଯ୍ୟାଳୟ ଉଦ୍‌ଘାଟିତ



ବ୍ୟାଙ୍କ ମିତ୍ରଙ୍କୁ ସମ୍ମାନିତ କରାଯାଉଛି।

ନୂଆପଡ଼ା, ୧୬।୩(ମକାରୁ ବେମାଲ)

ନୂଆପଡା ଜିଲା ସଦର ମହକୁମା ଇରିଗେସନ କଲୋନୀ ସମ୍ମୁଖରେ ୩୫୩ ନମ୍ବର ଜାତୀୟ ରାଜପଥ କଡରେ ଏସ୍‌ବିଆଇ ଲାଇଫ୍ ଇନସୁରାନ୍ସ କାର୍ଯ୍ୟାଳୟ ଶନିବାର ଉଦଘାଟିତ ହୋଇଯାଇଛି। ଆୟୋଜିତ ସମାରୋହରେ ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ପିଭି ମାରୁଥି ନାଇଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପରିଚାଳକ ବୃନ୍ଦାଦିତ୍ୟ ବାନାର୍ଜୀ, ଡିଆରଏମ ବିଜୟ ଚୌଧୁରୀ, ଡିଏସଏମ ସଞ୍ଜିବ ତ୍ରିପାଠୀ, ନୂଆପଡା ଶାଖା ମୁଖ୍ୟ ପରିଚାଳକ ବ୍ରଜ କିଶୋର ଶାନବାଡ, ୟୁନିଟ ପରିଚାଳକ ହିମାଂଶୁ ଶେଖର କୁମ୍ଭାର, ହେମନ୍ତ ସତନାମୀ, ଯୁଧିଷ୍ଠିର ଦୀପ, ବିଜୟ ଭଟାଗୁରୀୟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏସ୍‌ବିଆଇ ଲାଇଫ୍ ଇନସୁରାନ୍ସ ତଥା ବିଭିନ୍ନ ସଞ୍ଚୟ ଯୋଜନା ସମ୍ବନ୍ଧରେ ଉପସ୍ଥିତ କର୍ମଚାରୀ ଓ ଲାଇଫ ମିତ୍ରମାନଙ୍କୁ ଅତିଥିମାନେ ଅବଗତ କରିଥିଲେ। ଅଧିକ ପଲିସି କରିଥିବା ଏଜେଣ୍ଟମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସର ପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଚିନ୍ତାମଣି ପାଣିଗ୍ରାହୀ, ଲୋକନାଥ ମହାପାତ୍ର, ସୁରେନ୍ଦ୍ର ତିୱାରୀ, ସୁଶାନ୍ତ କର, ଅମିତ ପୁରୋହିତ, କୁମରମଣି ମହାନନ୍ଦ, ତାଲେଶ୍ୱର ଦେବାଙ୍ଗନ, ରାକେଶ ଶର୍ମା, ଦୀପକ ମିଶ୍ର ପ୍ରମୁଖଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କ୍ଷୀର ମୋହନ ଗଡତିଆ, ରେଖା ସାହୁ, ନିରଞ୍ଜନା ସାହୁ, ରେଶମା ରାଉତରାୟ, ଯୁଗଳ ମହାନନ୍ଦ, ପ୍ରେମ ସାହୁ, ସତ୍ୟରାଜ ମହାନନ୍ଦ, ଲତା ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।

# କଂଗ୍ରେସ, ଭାଜପାରୁ ୫୪ ବିଜେଡିରେ ସାମିଲ

ଲାଞ୍ଜିଗଡ଼, ୧୬।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଲାଞ୍ଜିଗଡ଼ ବ୍ଲକ କାନକୁଟୁରୁ ପଞ୍ଚାୟତସ୍ଥିତ ଧବଳେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଶନିବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ମିଶ୍ରଣ ପର୍ବରେ ମଟକେରା, ଦିଆଲ ବାହିଲି, ବନ୍ଦ ଟିକିରି, କନ୍ଧବୋରି, କାନକୁଟୁରୁ, କୁମାର ପଡା, ବଛକା ଓ ଖମନପଡାର ୫୪ଜଣ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି କର୍ମୀମାନଙ୍କୁ ବିଧିବଦ୍ଧ ଭାବେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ନିତୀ ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ମୀମାନେ ବିଜେଡ଼ିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ଜିଲା ବିଜେଡି ସମ୍ପାଦକ ପାତ୍ର ମାଝି, ଲାଞ୍ଜିଗ ବିଜେଡ଼ି ଜୋନ ସଭାପତି ଚନ୍ଦ୍ର ଶେଖର ମହାପାତ୍ର, କାନକୁଟୁରୁ ସମିତି ସଭ୍ୟ ମନହର ହରପାଲ, ଲାଞ୍ଜିଗ ପଞ୍ଚାୟତ ବିଜେଡ଼ି ସଭାପତି ଜୟନ୍ତ ମହାଖୁଡ, ବିଶ୍ୱନାଥପୁର ସମିତି ସଭ୍ୟ ଅଜିତ ପ୍ରଧାନୀ, କାନକୁଟୁରୁ ପଞ୍ଚାୟତ ବିଜେଡ଼ି ସଭାପତି ଗୌର ବିଭାର, ବିଜେଡ଼ି କର୍ମୀ ଗଙ୍ଗାଧର ସାହୁ, ମୁରଲୀଧର ସାହୁ, ବନମାଳୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀମାନଙ୍କ ପାଇଁ 'ଅଗ୍ନି'ର କର୍ମଶାଳା

ଭବାନୀପାଟଣା, ୧୬।୩(ଉତ୍ତମ କୁମାର ଦାଶ)



ଅଗ୍ନିବୀର କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀମାନେ।

ଭବାନୀପାଟଣା ଟାଉନ ହଲରେ ଶନିବାର ଭାରତ ସରକାରଙ୍କ ବେଟି ବଚାଓ ବେଟି ପଢାଓ ଯୋଜନା ତଥା ରାଜ୍ୟ ସରକାରଙ୍କ ବିଜୁ କନ୍ୟା ରତ୍ନ ଯୋଜନା ଅନ୍ତର୍ଗତ ବିଭିନ୍ନ କଲେଜ ଛାତ୍ରୀ ।ନଙ୍କ ସକାଶେ ଅଗ୍ନିବୀର ସମ୍ପର୍କିତ କର୍ମଶାଳା ତାଲିମ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ କଳାହାଣ୍ଡି ପକ୍ଷରୁ ଅୟୋଜନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରପରିଷଦ ଅଧକ୍ଷା ସଂଯୁକ୍ତା ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଜିଲା ନିୟୋଜନ ଅଧିକାରୀ ଅଜିତ ଉତ୍ତରାୟ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଦୁଲାଲ ସେନାପତି, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଭବାନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ଛାତ୍ରୀମାନଙ୍କୁ ଭାରତୀୟ ସେନାରେ ଯୋଗଦାନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଭାରତୀୟ ସେନା ପକ୍ଷରୁ ଗୋପାଳପୁରସ୍ଥିତ ଆର୍ମି ରିକ୍ରୁମେଣ୍ଟ ଅଫିସରୁ ସୁବେଦାର ମେଜର ସଞ୍ଜୀବ କୁମାର ଦୀକ୍ଷିତ ଯୋଗଦାନ କରି ଛାତ୍ରୀମାନଙ୍କୁ ଅଗ୍ନି ବୀର ପାଇଁ କିପରି ପ୍ରସ୍ତୁତ କରିବେ, ଏହାର ସୁବିଧା, ସୁଯୋଗ ତଥା ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରି ଦେଶର ସୁରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ପ୍ରଗତି ମହାବିଦ୍ୟାଳୟ, ବିକାଶ ଆବାସିକ ମହାବିଦ୍ୟାଳୟ ଓ ଶାସ୍ତ୍ରିଜି ମହିଳା ମହାବିଦ୍ୟାଳୟର ମୋଟ ୧୮୦ଜଣ ଛାତ୍ରୀ ଓ ଏନସିସି କ୍ୟାଡେଟ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଂଶୁମାନ ବାବୁ ପରିଚାଳନା କରିଥିଲେ।

# ସ୍ୱାଭିମାନ ମଞ୍ଚ ପକ୍ଷରୁ ବାଇକ୍ ରାଲି, ଜିଲାପାଳ କାର୍ଯ୍ୟାଳୟ ଘେରାଉ

ନୂଆପଡ଼ା, ୧୬।୩(ମକାରୁ ବେମାଲ)



ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ନୂଆପଡା ଜିଲା ସ୍ୱାଭିମାନ ମଞ୍ଚ ପକ୍ଷରୁ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ବିରୋଧରେ ଶନିବାର ଏକ ବାଇକ ରାଲି ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା ସ୍ୱାଭିମାନ ମଞ୍ଚ ଆବାହକ ମନୋଜ କୁମାର ମିଶ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ପଡିଆରୁ ଶତାଧିକ ବାଇକ ଏକ ଶୋଭାଯାତ୍ରାରେ ବାହାରି ଢୋଲକିଆ ବିରୋଧି ବିଭିନ୍ନ ସ୍ଲୋଗାନ ଦେଇ ଖରିଆର ରୋଡ ପର୍ଯ୍ୟନ୍ତ ଯାଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଜିଲାପାଳ କାର୍ଯ୍ୟାଳୟ ଆସି ଘେରାଉ କରାଯାଇଥିଲା। ମନ୍ତ୍ରୀ ଢୋଲକିଆଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଜିଲାପାଳ ହେମକାନ୍ତ ସାଏଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳ ପ୍ରତିନିଧି ଆଲୋକ କୁମାର ଅନଗୁଳିଆଙ୍କୁ ପ୍ରଦାନ କରାଯାଇଛି। ମନ୍ତ୍ରୀ ଢୋଲକିଆଙ୍କ ବିରୋଧରେ ପୂର୍ବରୁ ଦିଆଯାଇଥିବା ଦାବିଗୁଡିକର ସିବିଆଇ ତଦନ୍ତ ଯଥାଶୀଘ୍ର କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଏହା ବିଧିବଦ୍ଧ ଭାବେ ତଦନ୍ତ କରା ନ ଗଲେ ଆନ୍ଦୋଳନ ଭୟାବହ ହେବ ବୋଲି ଜିଲା ସ୍ୱାଭିମାନ ମଞ୍ଚ ଚେତାବନୀ ଦେଇଛି। ଏହି ସମୟରେ ବିଜେଡି ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ଉପସଭାପତି ଭାନୁପ୍ରତାପ ସିଂ ମାଝି, ଯୁବ ବିଜୁ ଜନତା ଦଳ ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲା ସମ୍ପାଦକ ସୁଧିର ମିଶ୍ର, ହେମନ୍ତ କର, ରଞ୍ଜିତ ସୁନା, କ୍ଷିରୋଦ ସୁନାନୀ, ତୋଷ ରଞ୍ଜନ ସାହୁ ପ୍ରମୁଖ ଓ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟ ଜରୁରୀ

**ସୋନପୁର, ୧୬।୩(ମୃତ୍ୟୁଞ୍ଜୟ ଶତପଥୀ)**

ଦେଶକୁ ସମୃଦ୍ଧ ଓ ବିକାଶ ଦିଗରେ ଆଗେଇ ନେବା ପାଇଁ ଏକ ସୁସ୍ଥ ସମାଜର ଆବଶ୍ୟକତା ରହିଛି। ସମସ୍ତେ ସୁସ୍ଥ ରହିଲେ ହିଁ ଦେଶରେ ସୁସ୍ଥ ସମାଜ ଗଠନ ହୋଇପାରିବ। ଏଥିପାଇଁ ପୁଷ୍ଟିକର ଖାଦ୍ୟ ଆପଣାଇବାକୁ ପଡିବ। ମଣିଷର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟ ଜରୁରୀ ବୋଲି ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଜିଲାସ୍ତରୀୟ ପୋଷଣ ପକ୍ଷ ପାଳନ ଅବସରରେ ଅତିଥି ମାନେ ମତପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀଙ୍କୁ ଭିଟାମିନ୍‌ଯୁକ୍ତ ଖାଦ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଓଏଲଏମ୍ ଡିପିଏମ୍ ତାନସିସ ବାର୍ଲା, ମିଶନ ଶକ୍ତି ଡିପିସି ବିଶ୍ୱଜିତ ପରିଡା, ଜିଲା ସମାଜ କଲ୍ୟାଣ ବିଭାଗର ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ମିଲେଟ୍ ମିଶନର ଡିପିସି ଭବାନୀ ଶଙ୍କର ମେହେର ଓ ପୋଷଣର ଜିଲା ସଂଯୋଜକ ସଞ୍ଜିବ ମିଶ୍ର ପ୍ରମୁଖ ଯୋଗଦାନ କରି କୁପୋଷଣରୁ ମୁକ୍ତି ପାଇଁ ସନ୍ତୁଳିତ ଖାଦ୍ୟ ଗ୍ରହଣ ଉପରେ ଆଲୋଚନା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରିଣୀ ଅନୁପମା ପଣ୍ଡା ପୋଷଣ ପକ୍ଷ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ପନିପରିବା, ଅଣ୍ଡା, ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ପିଠା ପଣା ଭଳି ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ।


ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅତିଥିମାନେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ପୋଷଣ ପକ୍ଷ ଉତ୍ସବ**

# ନିୟମିତ ପାଇଁ ଦାବି କଲେ ପଲିଟେକ୍‌ନିକ କଲେଜ ଅତିଥି ଅଧ୍ୟାପକ

**ବଘିଆପଡା, ୧୬।୩(ଶ୍ରୀକାନ୍ତ ସାହୁ)**

ରାଜ୍ୟ ସରକାର ଦକ୍ଷତା ବୃଦ୍ଧି ପାଇଁ ବୈଷୟିକ ଶିକ୍ଷା ପ୍ରତି ଗୁରୁତ୍ୱ ଦେଇ ସବୁ ଜିଲାରେ ପଲିଟେକନିକ କଲେଜମାନ ସ୍ଥାପନ କରିଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳର ହଜାର ହଜାର ଛାତ୍ରୀଛାତ୍ର ଉପକୃତ ହୋଇ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ପାଇ ପାରୁଛନ୍ତି। କିନ୍ତୁ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକରେ ବର୍ଷ ବର୍ଷ ଧରି ଶିକ୍ଷାଦାନ କରୁଥିବା ବୈଷୟିକ ଡିଗ୍ରୀଧାରୀ ଅତିଥି ଅଧ୍ୟାପକ ଓ ପରୀକ୍ଷାଗାର ସହଯୋଗୀ କର୍ମଚାରୀମାନଙ୍କୁ ନିୟମିତ କରାଯାଉନାହିଁ। ଏହାକୁ ନେଇ ଅତିଥି ଅଧ୍ୟାପକ ଓ ପରୀକ୍ଷାଗାର ସହଯୋଗୀମାନେ କ୍ଷୋଭ ପ୍ରକାଶ କରିବା ସହିତ ଏହା ଅସାମ୍ବିଧାନିକ ବୋଲି ଅଭିଯୋଗ କରିଛନ୍ତି। ବୌଦ୍ଧ ବଘିଆପଡା ଗୌଡଦେଇସ୍ଥିତ ସରକାରୀ ପଲିଟେକନିକ କଲେଜର ଅତିଥି ଅଧ୍ୟାପକମାନେ କେତେକ କଲେଜ ନିଜ ଇଚ୍ଛାରେ କର୍ମଚାରୀମାନଙ୍କୁ ନିୟମିତ କରୁଥିବା ବେଳେ ଅନ୍ୟ କେତେକ କଲେଜ କର୍ମଚାରୀଙ୍କୁ ବାହାର କରି ଦେଉଥିବା ଅଭିଯୋଗ କରିଛନ୍ତି। ଏହି ଅସ୍ଥାୟୀ କର୍ମଚାରୀମାନଙ୍କୁ ନିୟମିତ ଭାବରେ ଦରମା ପ୍ରଦାନ କରାଯାଉ ନ ଥିବା ବେଳେ ଦରମା ବୃଦ୍ଧି ପରିବର୍ତ୍ତେ କମ୍ ଦରମା ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଛି। ସେହିପରି ଏହି କର୍ମଚାରୀଙ୍କୁ ଜରୁରୀ ସମୟରେ କୌଣସି ଛୁଟି ପ୍ରଦାନ କରାଯାଉ ନ ଥିବା ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଉ ନ ଥିବାରୁ କୌଣସି ବ୍ୟାଙ୍କ କିମ୍ବା ସରକାରୀ ଅନୁଷ୍ଠାନରୁ ସାହାଯ୍ୟ ପାଉ ନ ଥିବା ଭଳି ଅଭିଯୋଗ ହେଉଛି। ରାଜ୍ୟରେ ରହିଥିବା ପଲିଟେକନିକ କଲେଜଗୁଡିକରେ କାର୍ଯ୍ୟରତ ଉଚ୍ଚ ଶିକ୍ଷାପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ଭବିଷ୍ୟତ ଏବେ ତ୍ରିଶଙ୍କୁରେ ରହିଥିବା ବେଳେ ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଛି। ପ୍ରାୟ ସମସ୍ତ ଶିକ୍ଷାନୁଷ୍ଠାନରେ କମ୍ ସଂଖ୍ୟକ ନିୟମିତ କର୍ମଚାରୀ ରହିଥିବା ବେଳେ ଅନୁଷ୍ଠାନର ଅଧିକାଂଶ କାମ ଏହି ଅସ୍ଥାୟୀ କର୍ମଚାରୀମାନଙ୍କ ଦ୍ୱାରା କରାଯାଉଛି। ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଅତିଥି ଅଧ୍ୟାପକ ଓ କର୍ମଚାରୀମାନେ ନିଷ୍ଠାର ସହିତ ନିଜର କାର୍ଯ୍ୟ ସଂପାଦନ କରୁଥିଲେ ମଧ୍ୟ ସରକାର ସେମାନଙ୍କ ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି। ଏହି ଅବସରରେ ଅତିଥି ଅଧ୍ୟାପକମାନେ ସେମାନଙ୍କୁ ନିୟମିତ କରାଯିବା ସହ ୫ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଥିବା ଜଣାଯାଇଛି।

## ସଂକ୍ଷେପରେ

### କାର ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ

**ଜୁନାଗଡ଼, ୧୬।୩ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଚିଚୈଗୁଡା ଛକରେ ଶୁକ୍ରବାର ମଧ୍ୟ ରାତିରେ କାର ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ କାର ଚାଳକଙ୍କ ନାମ କାନ୍ତ ମେହେର(୪୫)। ସେ ନକଟିଗୁଡା ଗ୍ରାମର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, କାନ୍ତ ଶୁକ୍ରବାର ମଧ୍ୟ ରାତ୍ରିରେ ବଣ୍ଡାକୁତ୍ରା ପଟରୁ ନିଜ କାର ନଂ. ଓଡ଼ି ୧୩ ଏ-୭୪୬୪ ରେ ଘରକୁ ଫେରୁଥିଲେ। ହେଲେ ଚିଚୈଗୁଡା ଛକଠାରେ ହଠାତ୍ କାରଟି ଭାରସାମ୍ୟ ହରାଇ ଓଲଟି ପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ସାମାଜିକ କର୍ମୀ ଦୁଃଖିଶ୍ୟାମ ସିଂଙ୍କ ପରଲୋକ

**ବୌଦ୍ଧ, ୧୬।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ଦୁଃଖିଶ୍ୟାମ ସିଂ (୯୦)ଙ୍କ ଶୁକ୍ରବାର ହରଭଙ୍ଗାସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଉଚ୍ଚ ଶିକ୍ଷିତ, ମେଳାପି, ପରୋପକାରୀ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ଅଭିମନ୍ୟୁ ଓ ଅନିଲ, ବୋହୂ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗାଁ ମଶାଣିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ଅଭିମନ୍ୟୁ ମୁଖାଗ୍ନି ଦେଇଥିଲେ। ସିଂଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଦୁର୍ନୀତିର ଗୁମର ଖୋଲିଲେ ବ୍ଲକ ଅଧ୍ୟକ୍ଷା

**ବୌଦ୍ଧ, ୧୬।୩(ଅଜିତ କୁମାର ବାରିକ)**

**ହରଭଙ୍ଗା ବ୍ଲକରେ ଦୁର୍ନୀତି ଅଭିଯୋଗ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ବ୍ୟାପକ ଦୁର୍ନୀତି ଓ ପଞ୍ଚାୟତିରାଜ ବ୍ୟବସ୍ଥାର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ନେଇ ଶନିବାର ପୁରୁଣାକଟକସ୍ଥିତ କଲ୍ୟାଣମଣ୍ଡପ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ ଅଭିଯୋଗ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ପ୍ରଧାନଙ୍କ ଅଭିଯୋଗ ଅନୁସାରେ, ସେ ହରଭଙ୍ଗା ପଞ୍ଚାୟତ ସମିତିର ଅଧ୍ୟକ୍ଷା ଭାବେ ନିର୍ବାଚିତ ପରେ ବିଭିନ୍ନ ଯୋଜନା ପ୍ରଣୟନ ପାଇଁ ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ଅଯଥା ରାଜନୈତିକ ହସ୍ତକ୍ଷେପ ସାଙ୍ଗକୁ ବିଭିନ୍ନ କାରଣରୁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରିଥିଲେ। ଏପରି କି ବ୍ଲକରେ କେତେକ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଉକ୍ତ ଖବରଦାତା ସମ୍ମିଳନୀରେ ଲୁଣିବାହାଲ ସରପଞ୍ଚ ଚନ୍ଦ୍ରମା ପ୍ରଧାନ, କୁଶଙ୍ଗ ସମିତିସଭ୍ୟ କାହ୍ନୁଚରଣ ନାଥ, ତିଳେଶ୍ୱର ସମିତି ସଭ୍ୟ ସାବିତ୍ରୀ ବେହେରା ଉପସ୍ଥିତ ଥିଲେ।

# ଶ୍ରୀବିଷ୍ଣୁ ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ତରଭା, ୧୬।୩(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧୀନସ୍ଥ ସରଗଜ ଗ୍ରାମରେ ୯ ଦିନ ବ୍ୟାପି ୭୨ ପ୍ରହର ନାମଯଜ୍ଞର ଅଧିବାସ ଏବଂ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ଗ୍ରାମରୁ କଳସ ଶୋଭାଯାତ୍ରା ବାହାରି ତରଭାସ୍ଥିତ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ନେଇ ସରଗଜ ନଦୀଘାଟ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ସରଗଜ ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳର ମହିଳାମାନେ ସାମିଲ ହୋଇଥିଲେ। ମହାଯଜ୍ଞର ସଭାପତି ଗୋପାଳ ଚରଣ ମିଶ୍ର, କାର୍ଯ୍ୟକାରୀ ସଭାପତି ସୁଧିରେନ୍ଦ୍ର ମିଶ୍ର, ସଂପାଦକ ସୁମନ୍ତ ମିଶ୍ର, କୋଷାଧ୍ୟକ୍ଷ ଚନ୍ଦ୍ରଭାନୁ ସା, ପଣ୍ଡିତ ମହାଦେବ ମିଶ୍ର, ଭବାନୀ ଶଙ୍କର ମିଶ୍ରଙ୍କ ସମେତ ଗ୍ରାମର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ଲାଗି ପଡିଛନ୍ତି। ପୁରୀର ରାମଜୀ ମଠାଧୀଶ ବଂଶୀଧର ମହାରାଜ ଓ ବଲାଙ୍ଗୀର ଖୁଜେନପାଲି ଆନନ୍ଦ ନିକେତନର ପ୍ରେମାନନ୍ଦ ସରସ୍ୱତୀ ତରଭା ଜଗନ୍ନାଥ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ନେବା ପରେ କଳସ ଶୋଭାଯାତ୍ରା ବାହାରିଥିଲା। ଯଜ୍ଞମଣ୍ଡପ କର୍ତ୍ତା ଭାବେ ବାସୁଦେବ ମିଶ୍ର ଓ ତାଙ୍କ ସ୍ତ୍ରୀ ପ୍ରୀତିମୟୀ ତ୍ରିପାଠୀ, ନାମମଣ୍ଡପରେ ସୁଧୀରେନ୍ଦ୍ର ମିଶ୍ର ଓ ଗୀତାଞ୍ଜଳି ମିଶ୍ର, ଭାଗବତ ମଣ୍ଡପରେ ସୁଶାନ୍ତ ମିଶ୍ର ଓ ତାଙ୍କ ସ୍ତ୍ରୀ ଅନିତା ମହାପାତ୍ର ପ୍ରମୁଖ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି।

# ଗର୍ଭବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ପଲମ, ୧୬।୩(ଭିକାରି ଗଡତ)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଗିଗିନା ପଞ୍ଚାୟତସ୍ଥିତ ଗିଗିନା ଗ୍ରାମରେ ଜଣେ ଗର୍ଭବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେ ହେଲେ ଶିବାନୀ ସାହୁ(୨୨)। ଗିଗିନା ଗ୍ରାମର ଅଜିତ ସାହୁ (୨୬)ଙ୍କ ସହ ବେଲଗାଁ ଗ୍ରାମର ଶିବାନୀଙ୍କ ୨୦୨୦ରେ ବିବାହ ହୋଇଥିଲା। ତାଙ୍କର ୩ବର୍ଷର ପୁଅଟିଏ ଅଛି ଓ ବର୍ତ୍ତମାନ ଶିବାନୀ ୪ ମାସର ଗର୍ଭବତୀ ଥିଲେ। ଦୀର୍ଘ ଦିନ ହେଲା ପାରିବାରିକ ଗଣ୍ଡଗୋଳ ଲାଗିରହିଥିଲା। ଅନେକ ଥର ସମାଧାନ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଏପରିସ୍ଥଳେ ଝିଅ ପରିବାରବର୍ଗ ନିଜଝିଅକୁ ସ୍ୱାଇଁ ଘରେ ଛାଡି ଦେଇଥିଲେ। ଗତ କିଛି ମାସ ହେବ ଶିବାନୀଙ୍କୁ ନିର୍ଯାତନା ଦେଉଥିଲେ। ଶୁକ୍ରବାର ରାତି ୧୦ଟାରେ ଅଜିତ ଶ୍ୱଶୁର ଘରକୁ ଫୋନ କରି ତମ ଶିବାନୀ ବେକରେ ଶାଢିବାନ୍ଧି ଆତ୍ମହତ୍ୟା କରିଥିବା ଖବର ଦେଇଥିଲେ। ହେଲେ ଝିଅ ଘର ଲୋକେ ଆସି ଦେଖିବା ସମୟରେ ମୃତଦେହ ତଳେ ପଡିରହିଥିଲା। ଏହାକୁ ସନ୍ଦେହ କରି ଝିଅ ପକ୍ଷ କେସିଙ୍ଗା ଥାନାରେ ଅଭିଯୋଗ କରିଥିଲେ। କେସିଙ୍ଗା ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ପଲମ ଫାଣ୍ଡି ଅଧିକାରୀ ସଦଳବଳସହ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଥିଲେ। ଶନିବାର କେସିଙ୍ଗା ଥାନା ଅଧିକାରୀ, ପଲମ ପଲମ ଫାଣ୍ଡି ଅଧିକାରୀ, ନର୍ଲା, ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରି କେସିଙ୍ଗା ସରକାରୀ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ।

# ଜାମପାଲି ନାଳ ଉପରେ ପୋଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ


ଜାମପାଲି ନାଳ ଉପରେ ପୋଲ ନିର୍ମାଣ ପାଇଁ ମୁଖ୍ୟଅତିଥି ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ଡୁଙ୍ଗୁରିପାଲି, ୧୬।୩(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତର ଜାମପାଲି ନାଳ ଉପରେ ପୋଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଶନିବାର ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉପଲକ୍ଷେ ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଡ଼ିଓ ବିପିନ ବିହାରୀ ଦୀପ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏଇ ସୁବନାଥ ମାଝୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ଚେରୁପାଲି ସମିତି ସଭ୍ୟା ମିଥିମଲା ସାହୁ ଯୋଗ ଦେଇଥିଲେ। ଜାମପାଲି ନାଳ ପୋଲ ନିର୍ମାଣ କାର୍ଯ୍ୟ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅଧୀନରେ ହେବାକୁ ଥିବା ବେଳେ ୫୦ ଲକ୍ଷ ଟଙ୍କା ବ୍ୟୟରେ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ପୋଲ ନିର୍ମାଣ ହେବା ଦ୍ୱାରା ଚେରୁପାଲି, ଖୁସାମଲ ଓ ବଡ଼ନୁଆଁପାଲି ଗାଁର ଚାଷୀମାନେ ଉପକୃତ ହେବେ ଓ ଗମନାଗମନର ସୁବିଧା ହୋଇ ପାରିବ ବୋଲି ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ ସୂଚନା ଦେଇଛନ୍ତି। ଏହାସହିତ ଜିଲା ପରିଷଦ ଅଧ୍ୟକ୍ଷା ଠେଲା ଚେରୁପାଲି ଜାମପାଲି ନାଳରେ ଦୁଇଟି ଉଠା ଜଳସେଚନ ପ୍ରକଳ୍ପ ଓ ସୁନାପାଲି ଗ୍ରାମ ପଞ୍ଚାୟତର ପହଣ୍ଡି ଗ୍ରାମରେ ହେବାକୁ ଥିବା କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ବୈଦୁପାଲି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମନୋଜ ଦିଶିରୀ, ସମିତି ସଭ୍ୟାଙ୍କ ପ୍ରତିନିଧି ବଦ୍ରୀ ନାରାୟଣ ପାଣ୍ଡିଆ, ଚେରୁପାଲି ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବରଙ୍କ ସହିତ ଜନସାଧାରଣ ଉପସ୍ଥିତ ଥିଲେ।

# ହରଭଙ୍ଗା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ବୌଦ୍ଧ, ୧୬।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ବ୍ଲକର ପେଶାଦାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ଏବଂ ୫ ଟି ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ହରଭଙ୍ଗା ବିଡିଓ ଶରତ ସେଠୀଙ୍କୁ ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, କାର୍ଯ୍ୟରତ ସାମ୍ବାଦିକଙ୍କୁ ମାସିକ ୧୦ହଜାର ଟଙ୍କା ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟବୀମାରେ ପିତା/ମାତା ଏବଂ ୨୫ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ ସହିତ ୧୦ଲକ୍ଷ ଟଙ୍କା ବୀମାରାଶି ବୃଦ୍ଧି, ବୟସ୍କ ସାମ୍ବାଦିକଙ୍କୁ ପେନସନ ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ନରେନ୍ଦ୍ର ସାହୁ, ଉପସଭାପତି ପ୍ରୀତିରଞ୍ଜନ ଦାସ, ସମ୍ପାଦକ ତୁଷାରକାନ୍ତ ସାହୁ, ସହ ସମ୍ପାଦକ ଦୁର୍ଯ୍ୟୋଧନ ବିଶି, କୋଷାଧ୍ୟକ୍ଷ ଶଶିକାନ୍ତ ସାହୁ, ଉପଦେଷ୍ଟା ସୁରେନ କୁମାର ପ୍ରଧାନ, ରତ୍ନାକର ବେହେରା, ଦୀପକ ଅଦର, ସୌମ୍ୟରଞ୍ଜନ ସାହୁ, ଅଜିତ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀମାନଙ୍କ ପାଇଁ 'ଅଗ୍ନି'ର କର୍ମଶାଳା

**ଭବାନୀପାଟଣା, ୧୬।୩(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ଟାଉନ ହଲରେ ଶନିବାର ଭାରତ ସରକାରଙ୍କ ବେଟି ବଚାଓ ବେଟି ପଢାଓ ଯୋଜନା ତଥା ରାଜ୍ୟ ସରକାରଙ୍କ ବିଜୁ କନ୍ୟା ରତ୍ନ ଯୋଜନା ଅନ୍ତର୍ଗତ ବିଭିନ୍ନ କଲେଜ ଛାତ୍ରୀ ।ନଙ୍କ ସକାଶେ ଅଗ୍ନିବୀର ସମ୍ପର୍କିତ କର୍ମଶାଳା ତାଲିମ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ କଳାହାଣ୍ଡି ପକ୍ଷରୁ ଅୟୋଜନ କରଯାଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରପରିଷଦ ଅଧ୍ୟକ୍ଷା ସଂଯୁକ୍ତା ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳନ୍ଦୁ ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଜିଲା ନିୟୋଜନ ଅଧିକାରୀ ଅଜିତ ଉତ୍ତରାୟ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଦୁଲାଲ ସେନାପତି, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଭବାନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ଛାତ୍ରୀମାନଙ୍କୁ ଭାରତୀୟ ସେନାରେ ଯୋଗଦାନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଭାରତୀୟ ସେନା ପକ୍ଷରୁ ଗୋପାଳପୁରସ୍ଥିତ ଆର୍ମି ରିକ୍ରୁମେଣ୍ଟ ଅଫିସରୁ ସୁବେଦାର ମେଜର ସଞ୍ଜୀବ କୁମାର ଦୀକ୍ଷିତ ଯୋଗଦାନ କରି ଛାତ୍ରୀମାନଙ୍କୁ ଅଗ୍ନି ବୀର ପାଇଁ କିପରି ପ୍ରସ୍ତୁତ କରିବେ, ଏହାର ସୁବିଧା, ସୁଯୋଗ ତଥା ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରି ଦେଶର ସୁରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ପ୍ରଗତି ମହାବିଦ୍ୟାଳୟ, ବିକାଶ ଆବାସିକ ମହାବିଦ୍ୟାଳୟ ଓ ଶାସ୍ତ୍ରିଜି ମହିଳା ମହାବିଦ୍ୟାଳୟର ମୋଟ ୧୮୦ଜଣ ଛାତ୍ରୀ ଓ ଏନସିସି କ୍ୟାଡେଟ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଂଶୁମାନ ବାବୁ ପରିଚାଳନା କରିଥିଲେ।


ଅଗ୍ନିବୀର କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀମାନେ।

# କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କଲେ ଡାକ୍ତର ଓ କର୍ମଚାରୀ

**ବୌଦ୍ଧ, ୧୬।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନମୋହନ ପ୍ରଧାନଙ୍କୁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଡା. ପ୍ରଧାନ ଗତ ଶୁକ୍ରବାର ଦିନ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଶନିବାର ଡାକ୍ତର ଓ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ଡାକ୍ତରଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଜିଲାପାଳ ଜେ. ସୋନାଲ ଓ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ନିର୍ବାଚନ ପରିଚାଳନା ପାଇଁ ସହରର ପୁରୁଣା ଆଇଟିଆଇ କେନ୍ଦ୍ରକୁ ଭିତ୍ତିଭୂମି ଦେଖିବାକୁ ଯାଇଥିଲେ। ଜିଲାପାଳ ଆସିଥିବା ଖବର ପାଇ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ମଧ୍ୟ ପହଞ୍ଚି ଥିଲେ। କିନ୍ତୁ ସେଠାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ବରୁ କୋଭିଡ ସେଣ୍ଟର କାର୍ଯ୍ୟକାରୀ ହୋଇଥିଲା। ଫଳରେ ସେଠାରେ ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଔଷଧ ମହଜୁଦ ରହିଛି। ଏନେଇ ଜିଲାପାଳ ସୋନାଲ ସେଠାରେ କାହିଁକି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଔଷଧ ରଖାଯାଇଥିବା ନେଇ ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟ ଅଧିକାରୀମାନେ ଔଷଧ ରଖିବା ନେଇ ଜିଲାପାଳଙ୍କୁ କାରଣ ଦର୍ଶାଇ ଥିବା ବେଳେ ଜିଲାପାଳ ୨୪ ଘଣ୍ଟା ମଧ୍ୟରେ ଔଷଧ ନିଅନ୍ତୁ ନହେଲେ ଫୋପାଡି ଦିଆଯିବ ବୋଲି କହିଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଅଭିଯୋଗ କରିଛନ୍ତି। ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଧାନ କହିଥିଲେ, ଟ୍ରମାକେୟାର ସେଣ୍ଟର ବୌଦ୍ଧ ଜିଲା ପାଇଁ ମଞ୍ଜୁର ହୋଇଛି, ସେଥିପାଇଁ ପୂର୍ବତନ ଜିଲାପାଳଙ୍କ ଆଦେଶ ନେଇ ଔଷଧ ରଖାଯାଇଥିବା କହିଥିଲେ। ଏଥିରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଦୁର୍ବ୍ୟବହାର କରିଥିବା ନେଇ ଡାକ୍ତର ପ୍ରଧାନ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଶନିବାର ଦିନ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିକାଲ ପରିସରରେ ଡା. କିଶୋର ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଡା. ପଟ୍ଟନାୟକ କହିଥିଲେ, ଶୁକ୍ରବାର ଅପରାହ୍ନରେ ଜିଲାପାଳ ଡା. ମଦନ ମୋହନ ପ୍ରଧାନଙ୍କୁ ଦୁର୍ବବ୍ୟବହାର କରିଥିଲେ। ଏଣୁ ରାତିରେ ଜିଲା ଡାକ୍ତର ସଂଘ ଓ କର୍ମଚାରୀମାନେ ଏକ ବୈଠକ କରିଥିଲେ। ବୈଠକରେ ଯେପରି ରୋଗୀ ସେବା ବ୍ୟାହତ ନ ହେବ ସେଥିପ୍ରତି ଦୃଷ୍ଟି ଦେଇ ସମସ୍ତେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଥିଲା ବୋଲି କହିଥିଲେ। ଏହାସହ ଜିଲାପାଳ ନିସର୍ତ୍ତ କ୍ଷମା ମାଗନ୍ତୁ ଓ ତାଙ୍କର ବଦଳି ଦାବି କରିଥିଲେ। ଏନେଇ ଓଡିଶା ମେଡିକାଲ ସର୍ଭିସ ଆସୋସିଏଶନକୁ(ଓମ୍‌ସା)କୁ ଅବଗତ କରାଯାଇଛି। ଦିନେ ଦୁଇ ଦିନ ମଧ୍ୟରେ ଓମ୍‌ସା କର୍ତ୍ତୃପକ୍ଷ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବର୍ତ୍ତମାନ କଳାବ୍ୟାଜ ପିନ୍ଧି ଆନ୍ଦୋଳନ ଚାଲୁ ରହିବ ବୋଲି କହିଥିଲେ। ନିର୍ବାଚନ କାର୍ଯ୍ୟରେ ଜିଲାପାଳ ବ୍ୟସ୍ତ ଥିବାରୁ ଏ ନେଇ ତାଙ୍କର ପ୍ରତିକ୍ରିୟା ମିଳି ପାରିନାହିଁ। ଏନେଇ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ ମୁନୀଙ୍କୁ ପଚାରିବାରେ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଡାକ୍ତର ମଦନ ମୋହନ ପ୍ରଧାନ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ସଂଘମିତ୍ରା ପଣ୍ଡା, ବିଜୟ କୁମାର ସାହୁ, ଡ. ଦେବାନନ୍ଦ ସୁବୁଦ୍ଧିଙ୍କ ସମେତ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ସାମିଲ ଥିଲେ।


ଡାକ୍ତର ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ।

**ଡାକ୍ତରଙ୍କ ଖବରଦାତା ସମ୍ମିଳନୀ**

■ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ

## ସଂକ୍ଷେପରେ

### ଇସ୍ତଫା ଦେଲେ ବିଜେଡି ଜିଲା ସମ୍ପାଦକ ବସନ୍ତ ସାହୁ

**ବଡ଼ଗାଁ, ୧୬।୩( ଅଶୋକ ଷଡ଼ଙ୍ଗୀ):** ଯାହା କହିଲେ ମଧ୍ୟ କୌଣସି କଥା ଶୁଣିଲେ ନାହିଁ ନେତା। ଫୋନ କଲେ ମଧ୍ୟ ଉଠାଇଲେ ନାହିଁ। ଦଳରେ ଯୋଗଦେବା ପୂର୍ବରୁ କଥା ଶୁଣିବେ ବୋଲି ପ୍ରତିଶ୍ରୁତି



ଦେଇଥିଲେ। ହେଲେ ପଞ୍ଚାୟତ ନିର୍ବାଚନ ସରିଲା। ପରେ କେହି ମୋ କଥା ଶୁଣିଲେ ନାହିଁ। ତେଣୁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛି ବୋଲି କହିଛନ୍ତି ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ବରିଷ୍ଠ ନେତା ବସନ୍ତ ସାହୁ। ସୂଚନା ଯୋଗ୍ୟ, ଭାରତୀୟ ଜନତା ପାର୍ଟିର ଜିଲା ସ୍ତରୀୟ ନେତା ବସନ୍ତ ସାହୁ। ୧୯୮୯ରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହିତ ଯୋଡ଼ି ହୋଇଥିଲେ। ୧୯୯୨ ରେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇଥିଲେ। ୨୦୦୬ରେ ଭାଜପା ବ୍ଲକ ସଭାପତି, ୨୦୦୭ରେ ଜଲା ଏକଜିକ୍ୟୁଟିଭ ମେମ୍ବର, ୨୦୦୯ରେ ଜିଲା କୋଷାଧ୍ୟକ୍ଷ ଓ ୨୦୧୯ରେ ଜିଲା ଉପ ସଭାପତି ଦାୟିତ୍ୱରେ ଥିଲେ। ଏହା ସହିତ ୩ ଥର ଜୁଏଲ ଓରାମଙ୍କ ସାଂସଦ ପ୍ରତିନିଧି ଭାବେ କାର୍ଯ୍ୟ ତୁଲାଇଥିଲେ। ଭାରତୀୟ ଜନତା ପାର୍ଟିରେ କେତେକ କର୍ମୀ ଓ ନେତାଙ୍କ ଅଣଦେଖା ଯୋଗୁ ସେ ୨୦୨୨ ଜାନୁଆରୀରେ ଦଳରୁ ଇସ୍ତଫା ଦେଇ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ।

### ଡିଜେକୁ ବିରୋଧ କରି ବାସନ୍ଦ, ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ଗୁହାରି

**ରାଉରକେଲା, ୧୬।୩(ସଙ୍ଗୀତା ଜେନା):** ରାଉରକେଲା ପୋଲିସ ଜିଲା ଚାନ୍ଦିପୋଷ ଥାନା ଅଞ୍ଚଳରେ ଡିଜେ ବଜାଯିବାକୁ ବିରୋଧ କରିବାରୁ ସମାଜସେବୀ ଚାନ୍ଦମଣି ସାଣ୍ଡିଲ(୪୪)ଙ୍କୁ ବାସନ୍ଦ କରାଯାଇଛି। ଏ ନେଇ ସ୍ଥାନୀୟ ଥାନା, ଏସ୍‌ପିଙ୍କୁ ଅଭିଯୋଗ କରିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଶନିବାର ସେ ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖରଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚାନ୍ଦିପୋଷ ଏରଗେଡା ଗ୍ରାମରେ ଗତ ୭ତାରିଖ ରାତି ୨ଟାରେ ଗ୍ରାମରେ ଡିଜେ ବାଜୁଥିବାରୁ ଚାନ୍ଦମଣି ବିରୋଧ କରିଥିଲେ। ୧୦ ତାରିଖରେ ଗ୍ରାମର କିଛି ଲୋକ ବୈଠକ କରି ତାଙ୍କୁ ବାସନ୍ଦ କରିଥିଲେ। ଏପରିକି ତାଙ୍କ ବ୍ୟବସାୟିକ ଅନୁଷ୍ଠାନକୁ କାହାକୁ ନ ଯିବା ଲାଗି ତାଗିଦ୍ କରାଯାଇଥିଲା। ଫଳରେ ପ୍ରତ୍ୟେକ ଦିନ ୧୦/୧୫ ହଜାର ଟଙ୍କା ବ୍ୟବସାୟ ହେଉଥିବା ଚାନ୍ଦମଣିଙ୍କ ଦୋକାନ ଏବେ ମାନ୍ଦା ହୋଇଯାଇଛି। ସେହିପରି ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିବାକୁ ମଧ୍ୟ ଆଲୋଚନା କରାଯାଉଛି। ତେଣୁ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ପୂର୍ବରୁ ଚାନ୍ଦିପୋଷ ଥାନା ଓ ରାଉରକେଲା ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଚାନ୍ଦମଣି ଡିଆଇଜିଙ୍କୁ ଅଭିଯୋଗ କରିଥିବା କହିଛନ୍ତି।

# ଅଖିଳ ଭାରତୀୟ ଅଘରିଆ ସମାଜର ସାମାଜିକ ସମ୍ମିଳନୀ

**ସୁନ୍ଦରଗଡ,୧୬।୩(ଜୟ ନାରାୟଣ ମେଣ୍ଟୁଲି)**

ଅଖିଳ ଭାରତୀୟ ଅଘରିଆ ସମାଜ, ଗାଙ୍ଗପୁର ଅଞ୍ଚଳର କୁର୍ଗା ମଣ୍ଡଳ ଅନ୍ତର୍ଗତ ଗମ୍ଭାରିଡିହି ଗୁଡିର ତୃତୀୟ ସାମାଜିକ ସମ୍ମିଳନୀ ଶନିବାର ଆୟୋଜିତ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜର ସଙ୍ଗଠନ ତଥା ପ୍ରଗତି ଉପରେ ଦିଗ ଦର୍ଶନ ଦେଇଥିଲେ। ଆଞ୍ଚଳିକ କମିଟି ସଭାପତି ପ୍ୟାରୀମୋହନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମାଜର ମୁଖ୍ୟ ନିର୍ବାଚନ ଅଧିକାରୀ ଦୁର୍ଗାମାଧବ ପଟେଲ,ପ୍ରାଦେଶିକ ସଭାପତି ଯଶୋବନ୍ତ ନାଏକ,ସ୍ନେହଲତା ପଟେଲ, ସୁଷମା ପଟେଲ, ଜୀବେଶ୍ୱରୀ ପଟେଲ ତଥା ଅନ୍ୟାନ୍ୟ ମହିଳା ଯୋଗଦେଇ ସମାଜର ଉନ୍ନତି ତଥା ଐତିହ୍ୟ ପରମ୍ପରାକୁ ବଜାୟ ରଖିବାକୁ କହିଥିଲେ। ଅଭ୍ୟର୍ଥନା କମିଟିର ଜଗନ୍ନାଥ ପଟେଲ,ଭୋପାଳ ଚନ୍ଦ୍ର ପଟେଲ




ସମ୍ମିଳନୀରେ ଉପସ୍ଥିତ ଅତିଥି ବୃନ୍ଦ।

ପରିଚାଳନାରେ ସହଯୋଗ କରିଥିଲେ। ପ୍ରତ୍ୟାଶା ପଟେଲ ଚଳିତ ବର୍ଷ ସୁଶ୍ରୀ ଓଡିଶା ପୁରସ୍କାର ହାସଲ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ର ସମ୍ପାଦକ ସନାତନ ପଟେଲ,ଅଞ୍ଚଳ ସମ୍ପାଦକ ଦେବେନ୍ଦ୍ର ପଟେଲ,କୁର୍ଗା ମଣ୍ଡଳ ସମ୍ପାଦକ ମୂରଲୀ ନାଏକ,ସଦରମହକୁମା ମଣ୍ଡଳ ସମ୍ପାଦକ ପ୍ରଦୀପ ନାଏକ,ସମ୍ପାଦକ ଭିକାରୀ ଚରଣ ଚୌଧୁରୀ ତଥା ଏହି ଅଞ୍ଚଳ ଆଧୀନ ୨୫ଟି ଗୁଡିର ସଭାପତି ଯୋଗଦେଇଥିଲେ। ସମାଜର ପୂର୍ବତନ ସଭାପତି ଗଙ୍ଗାଧର ପଟେଲ, ଲଇଡା ଅଞ୍ଚଳର କବୀର ଚରଣ ନାଏକ,ରାଉରକେଲା ମଣ୍ଡଳ ସଭାପତି ଗୋଲାପ ଚନ୍ଦ୍ର ପଟେଲ ଯୋଗଦେଇଥିଲେ। ଅପରାହ୍ନରେ ସମାଜର ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜ ପ୍ରତି ମହିଳାଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଉପରେ ଆଲୋଚନା ହୋଇଥିଲା। ସଭାରେ ଗାଙ୍ଗପୁର ଅଞ୍ଚଳର ୨୫ଟି ଗୁଡି ଅଧୀନସ୍ଥ ସମସ୍ତ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ସୁଭାଷ ଚନ୍ଦ୍ର ପଟେଲ ଧନ୍ୟବାଦ ଦେଇଥିଲେ।

# ଭାରତୀୟ ସାହିତ୍ୟ ଏକାଡେମୀରେ ବଣାଇଁର ରୁଦ୍ର

**ବଣାଇଁ,୧୬।୩ (ପ୍ରଦୀପ ତ୍ରିପାଠୀ)**




ଭାରତ ସରକାରଙ୍କ ସର୍ବ ବୃହତ ସାହିତ୍ୟ ଭିତ୍ତିକ ସଂସ୍ଥା ଭାରତୀୟ ସାହିତ୍ୟ ଏକାଡେମୀ ଚଳିତ ବର୍ଷ ମାର୍ଚ୍ଚ ୧୧ରୁ ୧୬ ପର୍ଯ୍ୟନ୍ତ ଦିଲ୍ଲୀରେ ବିଶ୍ୱ ସାହିତ୍ୟ ଉତ୍ସବ ପାଳନ କରୁଛି। ଏହି କାର୍ଯ୍ୟକ୍ରମରେ ସାରା ଭାରତ ବର୍ଷରୁ ୧୧ଶହରୁ ଅଧିକ ସାହିତ୍ୟକାର ଯୋଗଦେଇଥିଲେ। କାର୍ଯକ୍ରମ ପାଇଁ ଆଦିବାସୀ ଭାଷା ସଂସ୍କୃତି ଗବେଷକ ବଣାଇଁ ଅଞ୍ଚଳର ରୁଦ୍ର ଚରଣ ମାଝିଙ୍କୁ ଆମନ୍ତ୍ରଣ କରାଯାଇଥିଲା। ରବୀନ୍ଦ୍ର ଭବନ, ନୂଆଦିଲ୍ଲୀ ସ୍ଥିତ ତୁଳସୀ ଦାସ ସଭାଗାରରେ ଏହି କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉତ୍ତର ପୂର୍ବ ଏବଂ ପୂର୍ବ ଲେଖକ ସମ୍ମିଳନୀର ଆୟୋଜନ ମଧ୍ୟ କରାଯାଇଥିଲା। ଏହି ଅବସରରେ ମାଝି ସିମକୋ ସହିଦ ଦିବସରେ ଦେଶ ପାଇଁ ବଳିଦାନ ଦେଇଥିବା ବରପୁତ୍ରଙ୍କ ବଳିଦାନକୁ କବିତା ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏଥିସହିତ ବଣାଇଁ ଅଞ୍ଚଳରେ ବୃଦ୍ଧି ପାଇଥିବା କଳାକାରଖାନାର କୁପ୍ରଭାବ ପ୍ରତି ଚିନ୍ତା ପ୍ରକଟ କରିଥିଲେ। ସାନ୍ତାଳୀ ଭାଷାରେ 'ବାବା' କବିତା ପାଠ କରି ଭାରତ ବର୍ଷରେ ହୋଉଥିବା ନାରୀ ଅତ୍ୟାଚାର ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଫେସର କଳ୍ପନା ପୂଜାରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶାର ପ୍ରସିଦ୍ଧ କବି ଡ. ଶୁଭାଙ୍ଗି ଲେଙ୍କା ଓଡ଼ିଆ ଭାଷାରେ ସୁନ୍ଦରଗଡ଼ କବିତା ପାଠ କରିଥିଲେ। ଏହି କାର୍ଯକ୍ରମରେ ସମସ୍ତ ସାହିତ୍ୟକାରଙ୍କୁ ଉତ୍ତରୀୟ ଓ ସ୍ମୃତି ଚିହ୍ନ ଦେଇ ସମ୍ମାନିତ କରାଯାଇଥିଲା। ରୁଦ୍ର ମାଝିଙ୍କ ବର୍ତ୍ତମାନ ସୁଦ୍ଧା ହିନ୍ଦୀ ଭାଷାରେ ୩ ଟି ଗ୍ରନ୍ଥ ପ୍ରକାଶିତ ହୋଇସାରିଛି।

# ଏନ୍‌ଟିପିସି ପକ୍ଷରୁ ଆନ୍ତଃ ଆଞ୍ଚଳିକ କ୍ରୀଡ଼ା ପ୍ରତିଯୋଗିତା

**ସୁନ୍ଦରଗଡ,୧୬।୩(ଜୟ ନାରାୟଣ ମେଣ୍ଟୁଲି)**

ଏନଟିପିସି ଦର୍ଲିପାଲି ପକ୍ଷରୁ ଖେଳକୁଦକୁ ପ୍ରୋତ୍ସାହନ ଦେବା ପାଇଁ ଆନ୍ତ ଆଞ୍ଚଳିକ କ୍ରୀଡା ପ୍ରତିଯୋଗିତା-୨୦୨୪ ଅନୁଷ୍ଠିତ ହୋଇଯାଇଛି। ୪ଦିନିଆ ଏହି କ୍ରୀଡା ପ୍ରତିଯୋଗିତାରେ ତାଳଚେର କଣିହାଁ ଟିମ୍ ପୁରଷ ଭଲିବଲ ଓ ଥ୍ରୋବଲ ପ୍ରତିଯୋଗୀତାରେ ଟ୍ରଫି ହାସଲ କରିଛି। ଏହି ୨ଟି ଖେଳରେ ବିଜେତା ଟିମ୍‌କୁ କଡା ଟକ୍କର ଦେଇ ଦର୍ଲିପାଲି ଟିମ୍ ଉପବିଜେତା ହୋଇଛି। ଖେଳକୁଦ ମହାକୁମ୍ଭରେ ପୂର୍ବାଞ୍ଚଳ ଜୋନ-୨ର ଅଂଶଗ୍ରହଣକାରୀ ଦଳ ଭାବେ ଉତ୍ତର କରଣପୁରା, ତାଳଚେର କଣିହାଁ, ବଙ୍ଗାଇଗାଁଓ ଏବଂ ଦର୍ଲିପାଲି ଦଳ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିଲା। ମାର୍ଚ୍ଚ୧୨ରେ ଏହି ଖେଳ ମହାକୁମ୍ଭକୁ ଏନଟିପିସି ଲିମିଟେଡର ପୂର୍ବାଞ୍ଚଳ କ୍ଷେତ୍ରୀୟ ନିର୍ଦ୍ଦେଶକ ଇନ୍ଦ୍ରା ସୁଦୁପ




ନାଗ ଉଦ୍‌ଘାଟନ କରିଥିଲେ। ଶୁକ୍ରବାର ଖେଳକୁଦର ଉଦ୍‌ଯାପନୀ ସମାରୋହରେ ଏନଟିପିସି ଦର୍ଲିପାଲି ପ୍ରକଳ୍ପ ମୁଖ୍ୟ ଏଚଏନ ଚକ୍ରବର୍ତ୍ତୀ ଏବଂ ଡୁଲଙ୍ଗା ଖଣି ପ୍ରକଳ୍ପ ପ୍ରମୁଖ କେ.ଚନ୍ଦ୍ରଶେଖରଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳ ତଥା ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଦର୍ଲିପାଲି ପ୍ରମୁଖ ଚକ୍ରବର୍ତ୍ତୀ ତାଙ୍କ ଅଭିଭିଷଣରେ ଆଇଆରଏସ ଏମ(ଇଣ୍ଟର ରିଛନ ସ୍ପୋର୍ଟସ ମିଟ)ଏନଟିପିସି ର ଏକ ପ୍ରମୁଖ ଖେଳକୁଦ ପ୍ରତିଯୋଗିତା ବୋଲି କହିଥିଲେ। କର୍ମଚାରୀଙ୍କ ମଧ୍ୟରେ ଖେଳପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ସୁସ୍ଥ ତଥା ଫିଟ ରଖିବା ଦିଗରେ ସହାୟକ ହେବ ବୋଲି କହିଥିଲେ। ଏହି ପ୍ରତିଯୋଗିତାରେ ଉଭୟ ଦର୍ଲିପାଲି ଓ ଡୁଲଙ୍ଗା ପ୍ରକଳ୍ପର ମହାପ୍ରବନ୍ଧକ,ମାନବ ସମ୍ବଳିତ ବିଭାଗ ପ୍ରମୁଖ, ଅଭିଳାଷା ଲେଡିସ କ୍ଲବର ଅଧ୍ୟକ୍ଷ,ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ ଆର୍‌ପିଏଫ୍ ମହିଳା କନଷ୍ଟେବଲ

**ରାଉରକେଲା,୧୬।୩(ସଙ୍ଗୀତା ଜେନା)**

ରାଉରକେଲା ରେଳ ଷ୍ଟେସନରେ ଏକ ଚଳନ୍ତା ଟ୍ରେନରୁ ଖସି ପଡ଼ିଥିବା ଜଣେ ଯାତ୍ରୀଙ୍କ ଜୀବନ ବଞ୍ଚାଇଛନ୍ତି ରେଳବାଇ ସୁରକ୍ଷାବଳର ମହିଳା କନେଷ୍ଟବଲ। ଉକ୍ତ ମହିଳା କନେଷ୍ଟବଲ ହେଉଛନ୍ତି ରୀନା କୁମାରୀ। ସୂଚନାଯୋଗ୍ୟ, ହଟିଆରୁ ପୁରୀ ଯାଉଥିବା ତପସ୍ୱିନୀ ଟ୍ରେନ (ନଂ ୧୮୪୫୧) ରାଉରକେଲା ଷ୍ଟେସନ ପ୍ଲାଟଫର୍ମ ନଂ. ୨ ରେ ଆସିଥିଲା। ସେଥିରେ ଜଣେ ଯାତ୍ରୀ ଅସାବଧାନତା ଯୋଗୁ ଟ୍ରେନ ଧାରଣା ମଧ୍ୟରେ ଖସି ଯାଇଥିଲେ। ସମୟରେ ରିନା ତାଙ୍କୁ ବଞ୍ଚାଇ ଥିଲେ। ଏ ନେଇ ତାଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯିବ ବୋଲି କୁହାଯାଇଛି। ଏନେଇ ଆର୍‌ପିଏଫ ଅଧିକାରୀ ଗୌତମ ପ୍ରକାଶ ଗାନ୍ଧୀ ସୂଚନା ଦେଇଛନ୍ତି ।

# କିଷାନ କୁଣହାଁ ସମାଜର ବାର୍ଷିକ ସାଧାରଣ ସଭା

**ବଣାଇଁ,୧୬।୩(ପ୍ରଦୀପ ତ୍ରିପାଠୀ)**

ବଣାଇଁ ଉପଖଣ୍ଡ ଝିରଡାପାଲିଠାରେ କିଷାନ କୁଣହାଁ ସମାଜ ପକ୍ଷରୁ ଶନିବାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କିଷାନ ସମାଜର ପୂର୍ବତନ ସଭାପତି ଡମ୍ବରୁଧର କିଷାନ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ପୂର୍ବତନ ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ତଥା ସମାଜର ଉପଦେଷ୍ଟା ରଣଜିତ କିଷାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ବାଜୀ କିଷାନ, ଉପସଭାପତି ଜଗବନ୍ଧୁ କିଷାନ, ସମ୍ପାଦକ ସୁରେନ୍ଦ୍ର କିଷାନ, ଘୋଷରା କିଷାନ, ସମାଜର ଉପଦେଷ୍ଟା କର୍ମୁ କିଷାନ, ତେଣ୍ଡରା କିଷାନ, ସମାଜର ଉପଦେଷ୍ଟା କରମୁ କିଷାନ, ପାଣ୍ଡୁରିଶିଳା କିଷାନ, ସମାଜର ରମେଶ କିଷାନ, ହରି କିଷାନ, ଚଇତୁ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉପଖଣ୍ଡର ୧୮ଟି କେନ୍ଦ୍ର ତଥା ୨୩୫ଟି ଗ୍ରାମରୁ କିଷାନ ସାମାଜର ମୁଖ୍ୟ କାର୍ଯ୍ୟନିର୍ବାହୀ ଯୋଗ ଦେଇଥିଲେ। ୨ଦିନିଆ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ବିଭିନ୍ନ କିଷାନ ସମାଜ କେନ୍ଦ୍ରର ସଭାପତି, ଉପସଭାପତି, ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିବାବେଳେ ବଣାଇଁ କିଷାନ ସମାଜର ୪ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି, ଉପସଭାପତି, ସମ୍ପାଦକ, ଉପଦେଷ୍ଟାଙ୍କୁ ମନୋନୀତ କରାଯିବା ନେଇ ପ୍ରସ୍ତାବ ରହିଛି । ନିର୍ବାଚନକୁ ଦୃଷ୍ଟିରେ ରଖି ସମାଜର ସଦସ୍ୟଙ୍କୁ ସଚେତନ କରାଯିବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ, ବଣାଇଁ ନିର୍ବାଚନ ମଣ୍ଡଳୀରେ ସମ୍ପୃକ୍ତ କିଷାନ ସମାଜର ମତଦାନ ଏକ ମୁଖ୍ୟ ଭୂମିକା ଗ୍ରହଣ କରେ। କିଷାନ ସାମାଜର ପ୍ରାୟ ୩୨ ହଜାର ମତଦାତା ନିର୍ବାଚନରେ ପ୍ରମୁଖ ଭୂମିକାରେ ରହନ୍ତି। ତେଣୁ କୌଣସି ପ୍ରଲୋଭନ ଫାନ୍ଦରେ ନ ପଡ଼ିବା ପାଇଁ ଏକାପ୍ରକାର ପ୍ରାକ୍ ନିର୍ବାଚନୀ ସଚେତନତା କାର୍ଯ୍ୟକ୍ରମ କିଷାନ ସମାଜର ମୂଳ ଆଭିମୁଖ୍ୟ ବୋଲି ମୁଖ୍ୟ ଅତିଥି ରଞ୍ଜିତ କିଷାନ ସ୍ପଷ୍ଟ କରିଛନ୍ତି।



ସାଧାରଣ ସଭାରେ ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ।

# ରୋଶନୀ କର୍ମଶାଳାରେ ୬୭ ଅଧିକାରୀ, କର୍ମଚାରୀଙ୍କ ଅଂଶ ଗ୍ରହଣ

**ରାଉରକେଲା,୧୬।୩(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଅବସର ପୂର୍ବବର୍ତ୍ତୀ କର୍ମଚାରୀମାନଙ୍କ ସଶକ୍ତୀକରଣ କର୍ମଶାଳା 'ରୋଶନୀ' ଏଚ୍‌ଆରଡି ସେଣ୍ଟରରେ ଆୟୋଜିତ ହୋଇଯାଇଛି। କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ କାର୍ମିକ ବିଭାଗର ଜିଏମ୍ ଇନ୍‌ଚାର୍ଜ ଡ. ପି. କେ. ସାହୁ ଅଧ୍ୟକ୍ଷତା କରିଥିଲେ। ଏ ନେଇ ମାର୍ଚ୍ଚ ମାସରେ ଅବସର ଗ୍ରହଣ କରୁଥିବା ସମୁଦାୟ ୬୭ଜଣ ଅଧିକାରୀ ଏବଂ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅବସର ପୂର୍ବବର୍ତ୍ତୀ ଜୀବନକୁ ସୁଚାରୁ ଭାବେ ପ୍ରବେଶ ବିଷୟରେ ଆଲୋଚନା ହୋଇଥିଲା। ଓଏଚ୍‌ଏସ୍‌ର ଡା. ସିଭଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ସି ଏଣ୍ଡ ଆଇଟି



ବିଭାଗର ଏଜିଏମ୍ ଭି. ପି. ଆର୍ଯ୍ୟା ଡିଜିଟାଲ ଯୁଗରେ ଇଣ୍ଟରନେଟ୍‌ର ମହତ୍ତ୍ୱ ଏବଂ ସାଇବର ବିପଦ ସହିତ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ୍ ପପୁ କୁମାର ଅବସର ପରବର୍ତ୍ତୀ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ। ବିତ୍ତ ଏବଂ ଲେଖା ବିଭାଗର ଏଜିଏମ୍ ପପୁ କୁମାର ଅବସର ପରବର୍ତ୍ତୀ ଜୀନନରେ ଆର୍ଥିକ ସନ୍ତୁଳନତା ବଜାୟ ଓ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସିପି-୨ ବିଭାଗର ସିନିୟର ମ୍ୟାନେଜର ବାବୁଲା ନାହାକ ତାତ୍ପର୍ଯ୍ୟପୂର୍ଣ୍ଣ ତଥା ସକ୍ରିୟ ଜୀବନଧାରଣରେ ସକାରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଦ୍ରଷ୍ଟବ୍ୟ ରଖିଥିଲେ। ସହର ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏଚ୍. କେ. ସାହୁ କ୍ୱାର୍ଟର ଖାଲି କରିବା ତଥା ବଜାୟ ରଖିବା ସମ୍ବନ୍ଧୀୟ କମ୍ପାନୀ ନିୟମାବଳୀ ଉପରେ ଆଲୋଚନା କରିଥିଲେ। କାର୍ମିକ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଜ୍ୟୋତି ଓରେୟା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କାର୍ମିକ ବିଭାଗର ଜୁନିୟର ଅଫିସର ଶିବ ପ୍ରସାଦ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରମ ନିରୀକ୍ଷକ ଖଗେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖନୀୟ, ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କ ଅବସରକୁ ସକାରାତ୍ମକ, ଉତ୍ସାହ ଓ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହକାରେ ଗ୍ରହଣ କରିବା ଲାଗି ରୋଶନୀ କର୍ମଶାଳା ଆୟୋଜିତ ହେଉଛି।

# ଆଇନ କଲେଜରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

**ରାଉରକେଲା,୧୬।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଆଇନ ମହାବିଦ୍ୟାଳୟରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ଉପଭୋକ୍ତାଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ଉପଭୋକ୍ତା ସଚେତନ ନ ହେଲେ ତାର ପରିଣାମ ଓ ସଚେତନ ହେଲେ ତାର ଉପକାରିତା ଉପରେ ସେ ବୁଝାଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଉପଭୋକ୍ତା ଅଧିକାର ବିଷୟରେ ମତ ଉପସ୍ଥାପନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ନାଟକ ପ୍ରଦର୍ଶିତ ହୋଇଥିଲା। ଏହାପରେ ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କ ଦ୍ୱାରା ଉପଭୋକ୍ତା ଅଧିକାର ନେଇ ଏକ ଶୋଭାଯାତ୍ରା ହୋଇଥିଲା। ପିଲାମାନେ ଉପଭୋକ୍ତା ଅଧିକାର ଉପରେ ସଚେତନତା ସୃଷ୍ଟି କରିଥିଲେ।

# ଛତିଶଗଡ଼ ଚାମ୍ପିୟନ, କୁତ୍ରା ରନରଅପ୍

**ରାଉରକେଲା, ୧୬।୩ (ବିପ୍ଳବ ରଞ୍ଜନ ଦାଶ)**

ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ୧୬ ବର୍ଷରୁ କମ୍ ମହିଳା ଗ୍ରାସରୁଟ୍ ହକି ଅମନ୍ତ୍ରଣୀୟ ପ୍ରତିଯୋଗିତା ଶନିବାର ଶେଷ ହୋଇଛି। ଏହାର ଫାଇନାଲରେ କୁତ୍ରା ହକି ଟ୍ରେନିଂ ସେଣ୍ଟରକୁ ହରାଇ ଛତିଶଗଡ଼ ଚାମ୍ପିୟନ ହୋଇଛି। ଛତିଶଗଡ଼ର

**୧୬ ବର୍ଷରୁ କମ୍ ମହିଳା ଗ୍ରାସ୍‌ରୁଟ୍ ଅମନ୍ତ୍ରଣୀୟ ହକି**

ଶ୍ରେୟା ଦେୱାଙ୍ଗନ ଶ୍ରେଷ୍ଠ ଗୋଲକିପର, ବସୁନ୍ଧରା ମାଣ୍ଡଭି ଶ୍ରେଷ୍ଠ ଡିଫେଣ୍ଡର, କୁତ୍ରାର ନେଲିସୋନିତା ଟପ୍ପୋ ଶ୍ରେଷ୍ଠ ମିଡ୍‌ଫିଲ୍ଡର ଓ କୁଆଁରମୁଣ୍ଡାର କିରଣ କୁଜୁର ଶ୍ରେଷ୍ଠ ଷ୍ଟ୍ରାଇକର ବିବେଚିତ ହୋଇଥିଲେ। ଫାଇନାଲରେ କୁତ୍ରାର ନିକିତା ବାର୍ଲା ଓ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଗୁରୁଣ୍ଡିଆର ଜସମଣି ଟପ୍ପୋ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରକାଶ ଯୋଗ୍ୟ ଯେ, ପ୍ରତିଯୋଗିତାରେ ରାଜ୍ୟ ବାହାରର ୫ଟି ଓ ରାଜ୍ୟର ୧୧ଟି ଶୀର୍ଷ ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି) ଓ ଗ୍ରାସ୍‌ପିଚ୍ ସେଣ୍ଟର ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମଥରପାଇଁ ଆୟୋଜନ ହେଉଥିବା ଏହି ଆମନ୍ତ୍ରଣୀୟ ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ୫୦ ହଜାର, ରନରଅପ୍‌କୁ ୩୦,୦୦୦ ଓ ତୃତୀୟ ସ୍ଥାନପାଇଁ ୨୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା।



ଷ୍ଟାଡିୟମରେ ଟ୍ରଫି ସହ ଚାମ୍ପିୟନ ଓ ରନରଅପ୍ ଦଳର ଖେଳାଳି।

# ରେଳ ସାଇଡିଂକୁ ପ୍ରଚୁର ରେକ୍ ଯୋଗାଇ ଦେବାକୁ ଦାବି

**ଟେନ୍‌ସା,୧୬।୩(ସମୀର କୁମାର ପାଢୀ)**

ସୁନ୍ଦରଗଡ଼ ଜିଲା କୋଇଡା ଖଣିଅଞ୍ଚଳ ଅଧୀନସ୍ଥ ରକ୍ସି, ରେଞ୍ଜଡା, ବରସୁଆଁ, ପଟାସାହି ଏବଂ ଅନ୍ୟାନ୍ୟ ସମସ୍ତ ରେଳ ସାଇଡିଂରୁ ଲୁହାପଥର ପରିବହନ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ରେକ ଯୋଗାଇ ଦେବାକୁ ସିଆଇଟିୟୁ ଦାବି କରି ରେଳ ସାଇଡିଂରେ ବିକ୍ଷୋଭ ଓ ଧାରଣା ଦେଇଛି। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏହାକୁ ସମର୍ଥ କରିଛନ୍ତି। ସମସ୍ତ ଶ୍ରମିକଙ୍କୁ ସରକାରୀ ନୋଟିଫିକେଶନ ଅନୁଯାୟୀ, ସର୍ବନିମ୍ନ ମଜୁରୀ ପ୍ରଦାନ, ଆଇନ ଅନୁଯାୟୀ ସମସ୍ତ ଛୁଟି ପ୍ରଦାନ, ମହିଳା ଶ୍ରମିକଙ୍କୁ ପ୍ରସୂତିକାଳୀନ ଛୁଟି ପ୍ରଦାନ, କେନ୍ଦୁଝର ଜିଲାର ଯୋଡା ମାଇନିଂ ସେକ୍ଟର ସାଇଡିଂ କୁ ଲୁହାପଥର ଯୋଗାଣ ପରିବର୍ତ୍ତେ କୋଇଡା ମାଇନିଂ ସେକ୍ଟରର ପଟାସାହି, ବିମଳାଗଡ, ରେଞ୍ଜଡା,ରକ୍ସି, ବରସୁଆଁ ଓ ଚାନ୍ଦିପୋଷ ରେଲୱେ ସାଇଡିଂକୁ ପର୍ଯ୍ୟାପ୍ତ ଲୁହାପଥର ଯୋଗାଇ ଦେବାକୁ କରିଛନ୍ତି। କୋଇଡା ମାଇନିଂ ସେକ୍ଟରରେ କାର୍ଯ୍ୟ କରୁଥିବା ଖଣି କର୍ତ୍ତୃପକ୍ଷ ସ୍ଥାନୀୟ ବେକାର ଯୁବକଙ୍କୁ ନିଯୁକ୍ତି,




ଆନ୍ଦୋଳନରତ ଗ୍ରାମବାସୀ।

ସମସ୍ତ ଶ୍ରମିକଙ୍କୁ ଇଏସଆଇ, ପିଏଫ ଓ ଅନ୍ୟାନ୍ୟ ସମସ୍ତ ସୁବିଧା ଯୋଗାଇ ଦେବା, ଶ୍ରମିକଙ୍କୁ ମାସିକ ୩୦୦ଟଙ୍କା ଯାତାୟତ ଭତ୍ତା ପ୍ରଦାନ, ଶ୍ରମିକଙ୍କୁ ସୁରକ୍ଷା ଉପକରଣ ପ୍ରଦାନ, କାର୍ଯ୍ୟସ୍ଥଳରେ ଆରଓ ପାନୀୟ ଜଳ, ପାଇଖାନା ଏବଂ ଗାଧୁଆ ଘରର ବ୍ୟବସ୍ଥା, ଖଣି କର୍ତ୍ତୃପକ୍ଷ ଶ୍ରମିକଙ୍କ ପରିବାରକୁ ନେଇ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ୟୁନିୟନ ସହ ଆଲୋଚନା କରି ପାର୍ଶ୍ୱାଞ୍ଚଳ ବିକାଶ କାର୍ଯ୍ୟ ତୁରନ୍ତ କରିବାକୁ ସିଆଇଟିୟୁ ଦାବି କରିଛି। ବିକ୍ଷୋଭରେ ବିଧାୟକ ଲକ୍ଷ୍ମଣ

**ସିଆଇଟିୟୁ ପକ୍ଷରୁ ବିକ୍ଷୋଭ, ଧାରଣା**

ମୁଣ୍ଡା, ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ସିଆଇଟିୟୁ ରାଜ୍ୟ ଉପସଭାପତି ପ୍ରମୋଦ ସାମଲ ଏବଂ ବରସୁଆଁ ଧାରଣାରେ ବସିଥିବା ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, ଅସିତ ଚୌଧୁରୀ, ଆମ୍ଲେନ ଭୂୟାଁ, ହିଜକଲ ମୁଣ୍ଡା, ଦୁଲାର ସିଂ, ପ୍ରଭୁ ସିଂ, ନେଲସନ ମୁଣ୍ଡା, ଅନନ୍ଦ ମାସି ହରୋ, ମନୋଜ ପୂର୍ତ୍ତି ଏବଂ ହଜାର ହଜାର ଶ୍ରମିକ ନିଜ ହକ ପାଇଁ ସ୍ୱର ଉତ୍ତୋଳନ କରି ଧାରଣାରେ ବସିଥିଲେ। ଖବର ପାଇ ବଣାଇଁ ଏସ୍‌ଡିପିଓ ସ୍ୱରାଜ ଦେତା ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଜିଲା ପ୍ରଶସନ କିମ୍ବା ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଶ୍ରମିକମାନେ ଆଗାମୀ ଦିନରେ ରାଜପଥ ଅବାରୋଧ କରିବା ସମେତ ଖଣି ଅଞ୍ଚଳରେ ଅର୍ଥନୈତିକ ଅବରୋଧ କାରିବେ ବୋଲି ବିଧାୟକ ମୁଣ୍ଡା ଚେତାବନୀ ଦେଇଛନ୍ତି।

**ସଂକ୍ଷେପରେ**

## ଗଞ୍ଜେଇ ଜବତ, ଜଣେ ଗିରଫ



ସମ୍ବଲପୁର, ୧୬।୩(ପ୍ରମୋଦ ବହିଦାର): ଟ୍ରେନ୍‌ରେ ରେଢ଼ାଖୋଲରୁ ମଧ୍ୟପ୍ରଦେଶକୁ ଚୋରା ଚାଲାଣ ବେଳେ ରେଳବାଇ ପୋଲିସ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଟ୍ରେନ୍‌ରେ ଗଞ୍ଜେଇ ଚୋରା ଚଲାଣ ହେଉଥିବା ସମ୍ପର୍କରେ ରେଳବାଇ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଢ଼ାଖୋଲ ରେଳ ଷ୍ଟେଶନରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଏକ ବସ୍ତାରେ ଥିବା ୪ କେଜି ଗଞ୍ଜେଇକୁ ଜବତ କରିବା ସହ କନ୍ଧମାଳର ମାନସ କାହ୍ନାର ନାମକ ଅଭିଯୁକ୍ତଙ୍କୁ ରେଳବାଇ ପୋଲିସ ଗିରଫ କରିଥିଲା। ପଚରାଉଚରା କରିବାରୁ ଅଭିଯୁକ୍ତ ଏହାକୁ ରେଢ଼ାଖୋଲରୁ ମଧ୍ୟପ୍ରଦେଶକୁ ଚୋରାରେ ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ଏ ନେଇ ରେଳବାଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଜବତ ଗଞ୍ଜେଇକୁ ଅବକାରୀ ବିଭାଗର ମାଲଖାନାକୁ ପଠାଇ ଦିଆଯାଇଛି।

## ସାକ୍ଷୀପଡ଼ାରେ ନାରୀଶକ୍ତି ବନ୍ଦନ ଯାତ୍ରା

**ସମ୍ବଲପୁର, ୧୬।୩(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସାକ୍ଷୀପଡ଼ାରେ ନାରୀ ଶକ୍ତି ବନ୍ଦନ ଯାତ୍ରା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ସମ୍ବଲପୁର ବୁଢ଼ୀ ହିଲସ୍ଥିତ ରାମ ମନ୍ଦିର ପରିସରରୁ ସହସ୍ରାଧିକ ମହିଳା ସାକ୍ଷୀପଡାର ସନ୍ତୋଷୀ ମନ୍ଦିର ନିକଟ ପ୍ରତିଭା ପଡିଆ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ପରେ ସେଠାରେ ଆୟୋଜିତ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମହିଳାମାନଙ୍କ ପାଇଁ କରାଯାଇଥିବା ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ରାଜ୍ୟର ଲୋକ ଭାଜପାର ନୀତି ଉପରେ ବିଶ୍ୱାସ କରୁଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ବଲପୁର ଲୋକ ସଭା ସଂଯୋଜକ ତଥା ଭାଜପା ଜିଲା ସଭାପତି ଗିରିଶ ପଟେଲ, ସାକ୍ଷୀଗୋପୀନାଥ ମଣ୍ଡଳ ସଭାପତି ସରୋଜ ଘଡେଇ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, ଲୋକ ସଭା ପ୍ରଭାରୀ ମୁକ୍ତା ସାହୁ, ମହିଳା ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦିକା ରଶ୍ମି ରେଖା ଦାସ, ବରଗଡ ଜିଲା ପ୍ରଭାରୀ ସବିତା ନନ୍ଦ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ବରିଷ୍ଠ ନାଗରିକଙ୍କ ସହ ସମ୍ପର୍କ ଯୋଡ଼ିବା ପ୍ରୟାସ

ସମ୍ବଲପୁର, ୧୬।୩ (ଭବାନୀ ଶଙ୍କର ଭୋଇ)

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଶନିବାର ନାରୀଶକ୍ତି ପରିବାର ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକତା ମଞ୍ଚର ସଦସ୍ୟାମାନେ ବିଭିନ୍ନ ପରିବାର ସଦସ୍ୟଙ୍କୁ ଭେଟିବା ସହ ବରିଷ୍ଠ ବ୍ୟକ୍ତିବିଶେଷ ଓ ଛୋଟ ପିଲାଙ୍କ ସହ ଆଲୋଚନା କରି ସମ୍ପର୍କ ବୃଦ୍ଧି କରିବା ପାଇଁ ଉଦ୍ୟମ କରିଥିଲେ। ଏହାଦ୍ୱାରା ସମାଜରେ ବରିଷ୍ଠ ନାଗରିକଙ୍କଠାରୁ ଅତୀତର ଇତିହାସ ଓ ସଂସ୍କୃତି ବିଷୟରେ ଜାଣିବା ପାଇଁ ଚେଷ୍ଟା କରାଯାଉଛି। ଏହାସହ ପରିବାର ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି।

ଏକତାମଞ୍ଚ ସଦସ୍ୟା ଶନିବାର ଜଗନ୍ନାଥ କଲୋନିର ସ୍ୱସ୍ତିକା ନାୟକ ଓ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଘରକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ୮୩ ବର୍ଷିୟ ସ୍ୱସ୍ତିକାଙ୍କ ଶାଶୁ ଅନୁପମା ମିଶ୍ରଙ୍କ ସହ ଆଲୋଚନା ସମୟରେ ସେ ବୁଡି ଅଞ୍ଚଳର ଯନ୍ତ୍ରଣା ବିଷୟରେ ଜଣାଇବା ସହ ତାଙ୍କର ଜନ୍ମମାଟି ଐତିହାସିକ ପଦ୍ମପୁର ଗାଁର ସଂସ୍କୃତି, ପରମ୍ପରା ଓ ଇତିହାସ ବର୍ଣ୍ଣନା କରିଥିଲେ।



ଅନୁପମାଙ୍କ ସହ ଆଲୋଚନା ଅବସରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଦସ୍ୟାମାନେ।

**ଏକତାମଞ୍ଚର ନାରୀଶକ୍ତି ପରିବାର ସମ୍ପର୍କ କାର୍ଯ୍ୟକ୍ରମ**

ପଦ୍ମପୁର ଗାଁରେ ୧୯୫୬ ମସିହା ବେଳକୁ ଐତିହାସିକ ପଦ୍ମାସିନୀ ମନ୍ଦିର, ସମଲେଇ ମନ୍ଦିର, ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର ରହିଥିବା ଓ ଗାଁରେ ଚତୁର୍ଥଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ରହିଥିବା ଅନୁପମା ସ୍ମରଣ କରି କହିଥିଲେ। ସୂଚନାଯୋଗ୍ୟ, ସପ୍ତମ ଶତାବ୍ଦୀର ଗୁରୁ ପଦ୍ମସମ୍ଭବଙ୍କ ସହ ଏହି ଗାଁର ପଦ୍ମାସେନୀ ମନ୍ଦିରର ସମ୍ପର୍କ ରହିଥିବାବେଳେ ବିଶିଷ୍ଟ ସଂସ୍କୃତ ପଣ୍ଡିତ ଭବଭୁତୀଙ୍କ ଜନ୍ମମାଟି ବୋଲି କୁହାଯାଏ। ଏଭଳି ଏକ ଐତିହାସିକ ଗାଁ ହୀରାକୁଦ ଜଳଭଣ୍ଡାରରେ ଜଳମଗ୍ନ ହେବା ସହ ଗାଁର ଶିକ୍ଷିତ ତଥା ସଂସ୍କୃତିସମ୍ପନ୍ନ ପରିବାର ବାସଚ୍ୟୁତ ହୋଇ ନିଜର ସମୃଦ୍ଧ ପରମ୍ପରାକୁ ହରାଇଥିବା ଅନୁପମା ଜଣାଇଥିଲେ। ଅନ୍ୟପକ୍ଷରେ କହୀରାକୁଦ ବନ୍ଧ ଯୋଗୁ ପଦ୍ମପୁର ନିଜର ଅସ୍ତିତ୍ୱ ହରାଇବା ସହ ଅଞ୍ଚଳର ଇତିହାସ ବି ହୀରାକୁଦ ପାଣିରେ ବୁଡିଯାଇଥିବା ଭଳି ମନେହେଉଛି ବୋଲି କାର୍ଯ୍ୟକ୍ରମରେ ସାମିଲ ସଦସ୍ୟାମାନେ ମତ ପୋଷଣ କରିଛନ୍ତି। ଏହି ଆଲୋଚନା ସମୟରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଝୁନୁ ତ୍ରିପାଠୀ, ଛବି ପତି, ସଂଘମିତ୍ରା ପଣ୍ଡା, ତୃପ୍ତିମୟୀ ପଣ୍ଡା, ନନ୍ଦିତା ପଧାନ, ପଙ୍କଜିନି ବୈଠାରୁ, ଶ୍ରୀମୟୀ ସାହୁ, ଅସ୍ମିତା ମିଶ୍ର, ଦିଶା ବିଶି, ସ୍ମୃତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନେଇ ଆଲୋଚନା

ସମ୍ବଲପୁର, ୧୬।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାରେ କ୍ରୀଡ଼ାର ସ୍ଥିତିକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର କଲୋନି ପାର୍କଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡ଼ା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାରେ କ୍ରୀଡ଼ାର ବିକାଶ ଓ ପ୍ରସାର ପାଇଁ ଆଲୋଚନା କରାଯାଇଥିଲା। ସମ୍ବଲପୁର ସହର ସମେତ ରେଢ଼ାଖୋଲ, ଝୁଝୁମୁରା, ନାକଟିଦେଉଳ, ଜମନକିରା, ମାନେଶ୍ୱର, ବୁର୍ଲା, ହୀରାକୁଦ, ରେଙ୍ଗାଲି ଆଦି ସ୍ଥାନରୁ ବହୁ କ୍ରୀଡ଼ାବିତ୍, କ୍ରୀଡ଼ାପ୍ରେମୀ ତଥା ସଙ୍ଗଠକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାରେ ଜିଲା କ୍ରୀଡ଼ାସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁଙ୍କ ସମେତ ଯତୀନ ହୋତା, ପିଣ୍ଟୁ ନନ୍ଦ, ଅନୂପ ମିଶ୍ର, ବିକାଶ ମିଶ୍ର, ଅବିନାଶ ହୋତା, ସୁଶାନ୍ତ ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡ଼ାର ଅଭିବୃଦ୍ଧି ଦିଗରେ ଜିଲାରେ ଅନେକ ସୁଯୋଗ ରହିଥିବାବେଳେ ଏଥିପାଇଁ ସାମୂହିକ ଭାବରେ କାର୍ଯ୍ୟ କରିବା ନିମନ୍ତେ ସଂଘ ଉପସଭାପତି ପ୍ରଧାନ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହାସହ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଥିବା ସେ କହିଥିଲେ। ପରିଶେଷରେ କ୍ରୀଡ଼ାବିତ୍ ଅବିନାଶ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁବାଇରେ ପ୍ରତିଭା ପ୍ରଦର୍ଶନ କଲେ ସମ୍ବଲପୁର ଚିତ୍ରଶିଳ୍ପୀ

ସମ୍ବଲପୁର, ୧୫।୩ (ଭବାନୀ ଶଙ୍କର ଭୋଇ)

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଓଡ଼ିଶା ଲଳିତ କଳା ଏକାଡେମୀ ଜରିଆରେ ଓଡ଼ିଶାର ୧୫ ଜଣ ଜନଜାତି ଚିତ୍ରଶିଳ୍ପୀ ଦୁବାଇଠାରେ ଅଂଶ ଗ୍ରହଣ କରିଛନ୍ତି। ତନ୍ମଧ୍ୟରେ ସମ୍ବଲପୁର ବୁର୍ଲାର ଯୁବ ଚିତ୍ରଶିଳ୍ପୀ ଅନିଲ କେର୍‌କେଟା ନିଜସ୍ୱ ପ୍ରତିଭା ପ୍ରଦର୍ଶନକରି ପ୍ରଶଂସା ସାଉଁଟିଛନ୍ତି। ଗତ ୧୪ ତାରିଖରେ ଦୁବାଇଠାରେ ଏହି ଚିତ୍ର ପ୍ରଦର୍ଶନୀକୁ ଭାରତର ବାଣିଜ୍ୟ ଦୂତ ସତୀଶ କୁମାର ଶିବମ୍, ଏକାଡେମୀର ସଭାପତି, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ପ୍ରଥମଥର ଓଡ଼ିଶାର ଜନଜାତି ଚିତ୍ରଶିଳ୍ପୀମାନେ ସୁପ୍ରସିଦ୍ଧ ସୌରା ଚିତ୍ର, ସାନ୍ତାଳ, କନ୍ଧ, ହୋ ଓ କୋହ୍ଲ ଆଦି ସମ୍ପ୍ରଦାୟର ଚିତ୍ର ଆଙ୍କି ବିଦେଶରେ ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଚିତ୍ରଶିଳ୍ପୀ ଅନିଲ କେର୍‌କେଟା ପୂର୍ବରୁ ଜିଲା, ରାଜ୍ୟ ତଥା ଜାତୀୟ ସ୍ତରୀୟ କର୍ମଶାଳା, ସେମିନାର, ପ୍ରଦର୍ଶନୀରେ ଅଂଶଗ୍ରହଣ କରି ସୁନାମ ଅର୍ଜନ କରିଛନ୍ତି।



ଜନଜାତି ଚିତ୍ରଶିଳ୍ପୀ ଅନିଲ କେର୍‌କେଟା।

# ଝଡ଼ତୋଫାନରେ ବ୍ୟାପକ କ୍ଷୟକ୍ଷତି

**କୁଚିଣ୍ଡା, ୧୬।୩(ବିରଞ୍ଚି ଦର୍ଶୀ)**

ଶନିବାର କୁଚିଣ୍ଡାର ବିଭିନ୍ନ ଅଞ୍ଚଳରେ ଝଡତୋଫାନ ସାଙ୍ଗକୁ କୁଆପଥର ମାଡ଼ ହୋଇଛି। ଏଥିଯୋଗୁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସନ୍ଧ୍ୟା ସମୟରେ ପ୍ରବଳ ପବନ ସାଙ୍ଗକୁ ବର୍ଷା ଓ ତୁହାକୁ ତୁହା କୁଆପଥର ବୃଷ୍ଟି ହୋଇଥିଲା। ଫଳରେ କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଓ ଗଛ ଉପୁଡ଼ିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ପବନ ଯୋଗୁ ଲୋକଙ୍କ ଘରଦ୍ୱାର ଭାଙ୍ଗି ଆଜବେଷ୍ଟସ୍ ମଧ ଉଡାଇ ନେଇଛି।ଧି କୁଆପଥର ମାଡ଼ ମାଡ଼ରେ ପନିପରିବା ଚାଷ କ୍ଷତି ହୋଇଛି। ଚାଷୀଙ୍କ ଟମାଟୋ, ଆଳୁ, କୋବି, ବାଇଗଣ, ପୋଟଳ, ତରଭୁଜ, କଲରା, ଭେଣ୍ଡି, ଲଙ୍କା ମରିଚ, ଝୁଡ଼ଙ୍ଗ, ଲାଉ, କଖାରୁ ଆଦି ନଷ୍ଟ ହୋଇଛି।



ଝଡ଼ତୋଫାନରେ ଗଛ ଉପୁଡିପଡିଛି।

## ପଞ୍ଚଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସମ୍ବଲପୁର, ୧୬।୩(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ରେମେଡସ୍ଥିତ ଖେଳପଡିଆରେ ପାଞ୍ଚଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଜିଲାସ୍ତରୀୟ ଟୁର୍ନାମେଣ୍ଟରେ ସମୁଦାୟ ୧୬ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ରେମେଡ ସୁପର ଇଲେଭେନ ଓ ଧନକଉଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ପୂର୍ବରୁ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ନିକଟରେ ଆକସ୍ମିକ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଥିବା ଯୁବ ଆଇନଜୀବୀ ସୁରଜ ବିଶ୍ୱାଳଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉଦ୍‌ଘାଟନୀ ସମାରୋହରେ ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଜିଲା ଯୁବ ସାଧାରଣ ସମ୍ପାଦକ ବିଶିକେଶନ ଓରାମ, ଜିଲା ଯୁବ ସମ୍ପାଦକ ବୁଲୁ ନାୟକ, ବରିଷ୍ଠ ନାଗରିକ ଦିଲୀପ ଚୌବେ, ସୁଧାଂଶୁ ଦୁବେ, ଦେବାଶିଷ ପାଣ୍ଡେ, ସୁରଥ ମହାନ୍ତି, ରାମ ଭୋଇ, ପଞ୍ଚାନନ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାଂସଦ ପାଣ୍ଠିରୁ ପ୍ରଦତ୍ତ ଆମ୍ବୁଲାନ୍ସ ଉଦ୍‌ଘାଟିତ



ଅତିଥିମାନେ ଆମ୍ବୁଲାନ୍ସ ଉଦ୍‌ଘାଟନ କରୁଛନ୍ତି।

**ସମ୍ବଲପୁର, ୧୬।୩(ବି.ଶଙ୍କର)**

ବୁର୍ଲାସ୍ଥିତ ଭିମ୍‌ସାରକୁ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କ ସାଂସଦ ପାଣ୍ଠିରୁ ଶନିବାର ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଭିମ୍‌ସାର ନିର୍ଦ୍ଦେଶକ ଭାବଗ୍ରାହୀ ରଥ, ଅଧକ୍ଷା ପ୍ରଫେସର ଜୟଶ୍ରୀ ଦୋରା, ଅଧୀକ୍ଷକ ପ୍ରଫେସର ଲାଲମୋହନ ନାୟକ, ରାଜ୍ୟ ସଭା ସଦସ୍ୟଙ୍କ ଜିଲା ପ୍ରତିନିଧି ଆଶିଷ ନନ୍ଦ ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ଦ୍ୱାରା ଭିମ୍‌ସାରକୁ ଆସୁଥିବା ରାଜ୍ୟର ବିଭିନ୍ନ ଅଞ୍ଚଳର ରୋଗୀଙ୍କ ପାଇଁ ଏହା ବେଶ ସହାୟକ ହେବ ବୋଲି ଆଶା କରାଯାଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଭିମ୍‌ସାର ନିର୍ଦ୍ଦେଶକ ଆମ୍ବୁଲାନ୍ସ ଚାବିକୁ ଗଣ୍ଡା ସମାଜ କଲ୍ୟାଣ ପରିଷଦର ସଭାପତି ନିହାଲ ସିଂଙ୍କୁ ପ୍ରଦାନ କରିଥିଲେ। ଆମ୍ବୁଲାନ୍ସର ପରିଚାଳନା ଦାୟିତ୍ୱ ନିହାଲ କରିବେ ବୋଲି ସୂଚିତ କରାଯାଇଛି। କାର୍ଯ୍ୟକ୍ରମରେ ଗଣ୍ଡା ସମାଜ କଲ୍ୟାଣ ପରିଷଦର ସାଧାରଣ ସମ୍ପାଦକ ଅମିନ ମହାନନ୍ଦ, କୋଷାଧ୍ୟକ୍ଷ ନିଳାଞ୍ଚଳ ସୁନା, ରାଜ୍ୟ ସଭା ସଦସ୍ୟଙ୍କ ଧନକଉଡ଼ା ପ୍ରତିନିଧି ସୁବାସ ମିଶ୍ର, ସୁଧିର ପଟ୍ଟନାୟକ, ବିକାଶ ତରିଆ, ଅଜୟ ମହାକୁର, ଭଜ ନାଗ, ଭୁଷଣ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ କର୍ମୀ ପ୍ରଫୁଲ୍ଲ ମହାପାତ୍ରଙ୍କ ବିୟୋଗରେ ଶୋକସଭା

ସମ୍ବଲପୁର, ୧୬।୩ (ଭବାନୀ ଶଙ୍କର ଭୋଇ)

ସାମାଜିକ କର୍ମୀ ପ୍ରଫୁଲ୍ଲ ମହାପାତ୍ରଙ୍କ ବିୟୋଗରେ ସ୍ଥାନୀୟ ମହାନ୍ତିପଡାସ୍ଥିତ ଦଧିବାମନ କଲ୍ୟାଣମଣ୍ଡପଠାରେ ଶନିବାର ସନ୍ଧ୍ୟାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଦଧିବାମନ ସାଂସ୍କୃତିକ ସଂଘ ଓ ଅଜନ୍ତା କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ବିପିନ ବିହାରୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ମହାପାତ୍ର, ମନବୋଧ ତ୍ରିପାଠୀ, ଲମ୍ବୋଦର ମିଶ୍ର, ପ୍ରଣବାନନ୍ଦ ଦାନି, ପ୍ରଭାସ ମିଶ୍ର, ସ୍ୱରୂପ ପଟ୍ଟନାୟକ, ମାଧବ ପୃଷେଠ, ଜଗନ୍ନାଥ କର ପ୍ରମୁଖ ଉପସ୍ଥିତ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହାସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା।

# ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



ବିଧାୟକ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ସମ୍ବଲପୁର, ୧୬।୩(ପ୍ରମୋଦ ବହିଦାର):

ସମ୍ବଲପୁର ଜିଲା ବିଜେଡି ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଶନିବାର ଜିଲାର ବିଭିନ୍ନ ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେଥିମଧ୍ୟରେ ପଡ଼ିଆବାହାଲରୁ ଟାମ୍ପରଗଡ଼ ଦେଇ ମାରଙ୍ଗବାହାଲ ରାସ୍ତା, ଝୁଝୁମୁରା ଅନ୍ତର୍ଗତ ଫୁଲଝରଣ ଭାୟା ବସିଆପଡ଼ା ଦେଇ ଜାତୀୟ ରାଜପଥ(୫୫)କୁ ସଂଯୋଗୀକରଣ ରାସ୍ତା ଓ ଝୁଝୁମୁରା ଛକରୁ ଧମାକୁ ସଂଯୋଗୀକରଣ ରାସ୍ତା ଆଦିର ଉନ୍ନତୀକରଣ ପାଇଁ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ ଓ ଭୂମି ପୂଜନ କରିଛନ୍ତି। ଏହି ଅବସରରେ ତାଙ୍କ ସହିତ ସ୍ଥାନୀୟ ସରପଞ୍ଚ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦୀର୍ଘଦିନ ହେଲା ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିଥିବା ଏହି ରାସ୍ତାଗୁଡ଼ିକରେ ଅନେକ ଛୋଟବଡ଼ ଦୁର୍ଘଟଣା ଏକ ନିତିଦିନିଆ ଘଟଣାର ପରିଣତ ହୋଇଥିଲା। ଏପରି କି ଅଞ୍ଚଳବାସୀ ଯାତାୟାତ ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ।

# ଅଷ୍ଟବକ୍ର ଗୀତା ଉପରେ ଆଲୋଚନା

ସମ୍ବଲପୁର, ୧୬।୩(ବି.ଶଙ୍କର)– ସମ୍ବଲପୁରସ୍ଥିତ ସିଦ୍ଧେଶ୍ୱରୀ ଧର୍ମସଂସଦର ସତ୍‌ସଙ୍ଗ ସଭା ଶନିବାର ଜୀବନ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ବଲପୁର ଶାଖା ସଭାପତି ଗୋପୀନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସଭାରେ ଅଷ୍ଟ ବକ୍ର ଗୀତା ଉପରେ ଆଲୋଚନା ହୋଇଥିଲା। ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ସଭାରେ ଶଙ୍କର୍ଷଣ ଆଚାର୍ଯ୍ୟ, ଶିବ ନାରାୟଣ ପାଣିଗ୍ରାହୀ, ସବିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଅଷ୍ଟ ବକ୍ର ଗୀତା ଉପରେ ଆଲୋଚନା କରିଥିଲେ। ସଭା ଆରମ୍ଭରେ ସିଦ୍ଧେଶ୍ୱରୀ ଧର୍ମସଂସଦର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

# ପ୍ରସନ୍ନଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପ ପ୍ରଜ୍ୱଳନ



ମା' ସମଲେଶ୍ୱରୀଙ୍କଠାରେ ଦୀପ ପ୍ରଜ୍ୱଳନ ଅବସରରେ ବିଜେଡି ନେତା ଓ ମନ୍ଦିର ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତା।

ସମ୍ବଲପୁର, ୧୬।୩(ବି.ଶଙ୍କର)

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଆଶୁ ଆରୋଗ୍ୟ କାମନା କରି ଶନିବାର ସନ୍ଧ୍ୟାରେ ମା' ସମଲେଶ୍ୱରୀଙ୍କଠାରେ ଦୀପ ପ୍ରଜ୍ୱଳନ କରାଯାଇଛି। ଏଥିରେ ତାଙ୍କ ଶୁଭେଚ୍ଛୁଙ୍କ ସହ ବିଜେଡିର ବରିଷ୍ଠ ନେତା ଓ କର୍ମୀ ସାମିଲ ହୋଇଥିଲେ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ବରିଷ୍ଠ ବିଜେଡି ନେତା ଅଶୋକ ସେନାପତି, ଶ୍ରମିକ ନେତା ଗୋକୁଳ ମେହେର, ହୀରାଲାଲ ବେହେରା, ମନୋଜ ମହାପାତ୍ର, ଖରାଂଶୁ ଶେଖର ଦେବ, ପ୍ରଶାନ୍ତ ଥାପା, ପ୍ରଫୁଲ୍ଲ ଦାଶ, ଆର୍.ଏ. ଶିବ କୁମାର, ସତ୍ୟେନ୍ଦ୍ର ଦାଶ, ଦୁଲାଲ ଚନ୍ଦ୍ର ରାୟ, ଅଜୟ ମହାରଣା, ଗୋପାଳ ପୃଷେଠ, ବିଶ୍ୱାମିତ୍ର ସାହୁ, ସୁବାସିନୀ ନାଗ, ସରସ୍ୱତୀ ବେହେରା ପ୍ରମୁଖ ଯୋଗଦେଇ ତାଙ୍କ ଦ୍ରୁତ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ।

# ବାମରା ଷ୍ଟେଶନରେ ୫ ଏକ୍ସପ୍ରେସ୍ ଟ୍ରେନ୍ ରହଣି

**କୁଚିଣ୍ଡା, ୧୬।୩(ବିରଞ୍ଚି ଦର୍ଶୀ)**

ଦକ୍ଷିଣପୂର୍ବ ରେଳପଥ ଚକ୍ରଧରପୁର ଡ଼ିଭିଜନ ଅଧୀନରେ ଥିବା ବାମରା ରେଳ ଷ୍ଟେଶନରେ ଶନିବାର ପର୍ଯ୍ୟାୟକ୍ରମେ ୫ ଏକ୍ସପ୍ରେସ ଟ୍ରେନ୍ ରହଣି ଶୁଭାରମ୍ଭ ହୋଇଛି। କରୋନା ପୂର୍ବରୁ ବାମରା ଷ୍ଟେଶନରେ ଏକ୍ସପ୍ରେସ ଓ ପାସେଞ୍ଜର ଟ୍ରେନ୍‌କୁ ମିଶାଇ ମୋଟ ୧୫ ଟ୍ରେନ୍‌ର ରହଣି କରୁଥିଲା। ପରେ କେବଳ ୭ଟି ଟ୍ରେନ୍‌ର ରହଣି ହୋଇ ଅନ୍ୟ ସମସ୍ତ ରହଣିକୁ ଉଠାଇ ଦିଆଯାଇଥିଲା। ଏଥିରେ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ବିଭିନ୍ନ ସମୟରେ ରେଳରୋକୋ ଆନ୍ଦୋଳନ କରିଥିଲେ। ଅଞ୍ଚଳବସୀଙ୍କ ଦାବିକୁ ହୃଦୟଙ୍ଗମ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ରେଳ ବିଭାଗ ବାମରାଠାରେ ରେଳ ରହଣିର ଶୁଭାରମ୍ଭ ହୋଇଛି। ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ ଶନିବାର ବମରା ଷ୍ଟେଶନଠାରେ ସବୁଜ ପତାକା ଦେଖାଇ ଜମ୍ମୁତାବି ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିଥିଲେ। ରବିବାରଠାରୁ ଧାନବାଦ ଏଲିପି, ମୁମ୍ବାଇ ଏଲ୍‌ଟିଟି ସାଲିମାର, ଟାଟା ଏର୍ନାକୁଲମ ଏବଂ ଇସ୍ପାତ ଟ୍ରେନ ରହଣି ହେବ ବୋଲି ରେଳବାଇ ସୂତ୍ରରୁ ଜଣାଯାଇଛି। ମାତ୍ର ହାୱଡା–ଟିଟିଲାଗଡ ଇସ୍ପାତ ଅପ ଟ୍ରେନ୍ ସଂଖ୍ୟା ୧୨୮୭୧ ବାମରା ଠାରେ ସପ୍ତାହକୁ ୩ ଦିନ ଅର୍ଥାତ୍ ସୋମବାର, ବୁଧବାର ଓ ଶନିବାର ରହଣି ହେବ ବୋଲି ସୂଚନା ଦିଆଯାଇଛି। ସେହିପରି ଟିଟିଲାଗଡ–ହାୱଡା ଇସ୍ପାତ ଡାଉନ ଟ୍ରେନ୍ ସଂଖ୍ୟା ୧୨୮୭୨ ରବିବାର, ମଙ୍ଗଳବାର ଓ ଗୁରୁବାର ବାମରା ଷ୍ଟେଶନରେ ରହିବ। ଏହି ଅବସରରେ ଏକ ସଭା କରାଯାଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଏଥିରେ ଭାଜପା ମଣ୍ଡଳ ସଭାପତି ନରେଶ ସିଂ ଠାକୁର, ସୁନୀଲ ଦାଶ, ବାମରା ବ୍ଲକ ଅଧକ୍ଷା ପିଙ୍କି ଧ୍ରୁରୁଆ, ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାଶ, ମୁରାରୀ ପ୍ରସାଦ ଅଗ୍ରୱାଲ, ପ୍ରମୋଦ ନାଏକ, ସାଧାରଣ ସମ୍ପାଦକ ବିଷ୍ଣୁ ଅଗ୍ରୱାଲ, ପଦ୍ମଚରଣ ଗୁରୁ, ଚାଷୀନେତା ଯୋଗବିହାରି ପରିଡ଼ା, ଚଙ୍କି ଉପାଧ୍ୟାୟ, ବିଶାଳ ପ୍ରସାଦ, ପରେଶ ବନଛୁର, ମିତ୍ରଭାନୁ କେଛୁଙ୍କ ସମେତ ଶତାଧିକ କର୍ମୀ ଓ ରେଳ ବିଭାଗର ସିସିଆଇ ଚନ୍ଦନ ମିଶ୍ର, ସିଆଇ ମୁକେଶ କୁମାର ଉପସ୍ଥିତ ଥିଲେ।



ଟ୍ରେନ୍‌ରହଣିର ଶୁଭାରମ୍ଭ କରୁଛନ୍ତି ପୂର୍ବତନ ବିଧାୟକ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ୨ ମୃତ

ନୂଆପଡ଼ା,୧୬।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ଥାନା ଅନ୍ତର୍ଗତ କୁରୁମପୁରି ପଞ୍ଚାୟତ ଲଟକନପଡା ଠାରେ ବିଜୁ ଏକ୍ସପ୍ରେସ ୱେ ଉପରେ ସଡକ ଦୁର୍ଘଟଣାରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦୁଇ ଜଣ ହେଲେ ବୋଡେନ ଥାନା କୁସୁମଖୁଟା ଗାଁର ସତ୍ୟବନ୍ତ ମାଝି (୨୨) ଓ ଦୀପକ ରଞ୍ଜନ ପାଣ୍ଡେ (୨୩)। ସୂଚନା ମୁତାବକ ଶନିବାର ଅପରାହ୍ନରେ ଦୁଇ ଜଣ ଯୁବକ ଓଡି ୨୬ ଜି ୩୮୪୬ ନଂ. ଏକ ବାଇକ୍‌ରେ ନୂଆପଡା ପଟୁ ବୋଡେନ ପଟେ ଯାଉଥିଲେ। ସେହି ସମୟରେ ଲଟକନପଡା ଠାରେ ବିଜୁ ଏକ୍ସପ୍ରେସ ୱେରେ ଭାରସାମ୍ୟ ହରାଇ ଏକ କଲଭର୍ଟରେ ପିଟି ହୋଇଥିଲେ। ଦୁଇ ଜଣ ଯୁବକଙ୍କ ଜୀବନ ଘଟଣା ସ୍ଥଳରେ ଚାଲିଯାଇଥିଲା। ଗାଡି ଦ୍ରୁତଗତିରେ ଯାଉଥିଲା। ଭାରସାମ୍ୟ ହରାଇ ପିଟି ହୋଇଛନ୍ତି ବୋଲି ଦେଖଣାହାରୀମାନେ ପ୍ରକାଶ କରୁଛନ୍ତି। ଖବରପାଇ ଲଖନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୩ ଶ୍ରମିକ ଗୁରୁତର

ଭବାନୀପାଟଣା,୧୬।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପରମାନନ୍ଦପୁରରେ ଶନିବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୩ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସଚିନ ଶବର, ଅଲେଖ ଶବର ଓ ନରେନ୍ଦ୍ର ବାଗ ବୋଲି ଜଣାପଡିଛି। ଗୁରୁତର ଅବସ୍ଥାରେ ୩ ଶ୍ରମିକଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ପରମାନନ୍ଦପୁରରେ ଜଣେ ଡାକ୍ତରଙ୍କ କୋଠା ନିର୍ମାଣ କାର୍ଯ୍ୟରେ ଉପରୋକ୍ତ ଶ୍ରମିକମାନେ ନିୟୋଜିତ ଥିଲେ। ପୂର୍ବାହ୍ନରେ ତଳୁ କୋଠା ଉପରକୁ ଲୁହା ଛଡ଼ ନେଉଥିବା ବେଳେ ନିକଟରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଏହା ପରେ ପ୍ରଥମ ଶ୍ରମିକଙ୍କ ଶରୀରରେ ନିଆଁ ଲାଗିଯିବା ସହ କରେଣ୍ଟ ମାରିବାରୁ ସେମାନେ ଛିଟିକି ପଡିଥିଲେ। ସାଙ୍ଗରେ କାମ କରୁଥିବା କିଛି ଶ୍ରମିକ ତାଙ୍କୁ ସେଠାରୁ ଉଦ୍ଧାର କରି ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲେ।

### ୧୨ ଘଣ୍ଟା ନ ପୂରୁଣୁ ଦୁର୍ବୃତ୍ତ ଭାଙ୍ଗିଲେ ଶିଳାନ୍ୟାସ ଫଳକ



ଘଣ୍ଟାପଡ଼ା,୧୬।୩(ପ୍ରଭାତ କୁମାର ସାହୁ)

୧୨ ଘଣ୍ଟା ନ ପୁରୁଣୁ ଦୁର୍ବୃତ୍ତମାନେ ଏକ ନୂତନ ସେତୁ ପାଇଁ ସ୍ଥାପନ ହୋଇଥିବା ଶିଳାନ୍ୟାସ ଫଳକକୁ ଭାଙ୍ଗି ଦେଇଛନ୍ତି । ଗତ ଗୁରୁବାର ଅପରାହ୍ନରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ୪୧ନଂ ରାଜ୍ୟ ରାଜପଥର ଘଣ୍ଟାପଡ଼ା -ରେକଡୋଲର ସମ୍ବଲେଶରୀ ନାଳ ଉପରେ ନିର୍ମାଣ ହେବାକୁ ଥିବା ଏକ ସୁଉଚ୍ଚ ସେତୁ ପାଇଁ ଶିଳାନ୍ୟାସ କରାଯାଇଥିଲା । ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ ମହୀଧର ରଣା ଯୋଗଦେଇ ଶିଳାନ୍ୟାସ କରିଥିଲେ। କିନ୍ତୁ ଶୁକ୍ରବାର ସକାଳୁ ଦେଖିଲା ବେଳକୁ କୌଣସି ଦୁର୍ବୃତ୍ତ ଶିଳାନ୍ୟାସ ଫଳକକୁ ଭାଙ୍ଗି ଦେଇଛନ୍ତି। କେହି ଏହାକୁ ବିଧାୟକଙ୍କ ବିରୋଧୀଙ୍କ କାମ କହୁଥିବା ବେଳେ ଆଉ କେହି ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଶିଳାନ୍ୟାସ ଫଳକରେ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟଙ୍କ ନାମ ନ ଥିବାରୁ ହୁଏତ ସେମାନଙ୍କ ଅନୁଗାମୀଙ୍କ କାର୍ଯ୍ୟ ହୋଇ ଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଏ ସଂପର୍କରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ସାମଲଙ୍କୁ ଯୋଗାଯୋଗ କରିବାରୁ ଶିଳାନ୍ୟାସ ଫଳକ ଭଙ୍ଗାଯିବା କଥା ଜାଣିଛି ଏବଂ ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ

**ଗୁଣ୍ଡି ସଂରକ୍ଷିତ ଜଙ୍ଗଲ**

- ଛତ୍ରଭଙ୍ଗ ଦେଲେ ମାଓବାଦୀ
- ଗୋଟିଏ ଲ୍ୟାଣ୍ଡମାଇନ ନଷ୍ଟ କଲେ ସିଆର୍‌ପିଏଫ୍

ଭବାନୀପାଟଣା,୧୬।୩(ଉତ୍ତମ କୁମାର ଦାଶ)



ଜବତ ମାଓବାଦୀ ସାମଗ୍ରୀ ସହ କଳାହାଣ୍ଡି ଏସ୍‌ପି ଓ ଅନ୍ୟମାନେ।

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଧୀନ ଯୁଗସାଇପାଟଣା ପଞ୍ଚାୟତ ମନସ୍କା ଗାଁ ନିକଟ ଗୁଣ୍ଡି ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରି ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛି ପୋଲିସ। ସେଠାରେ ମାଓବାଦୀଙ୍କ ଏକ ବଡ଼ ଯୋଜନା ଚାଲିଥିବା ବେଳେ ସୁରକ୍ଷା କର୍ମୀଙ୍କୁ ଦେଖି ଅନ୍ଧାରର ସୁଯୋଗ ନେଇ ଛତ୍ରଭଙ୍ଗ ଦେଇଥିଲେ ବୋଲି ଶନିବାର ଜିଲା ପୋଲିସ ପକ୍ଷରୁ ଭବାନୀପାଟଣା ରିଜର୍ଭ ପଡିଆଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି. ସୂଚନା ଦେଇଛନ୍ତି। ଏବେ ବି ଏହି ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଛି। ସଦର ଥାନା ଅଧୀନ ଯୁଗସାଇପାଟଣା ପଞ୍ଚାୟତ ମନସ୍କା ଗାଁ ନିକଟ ଗୁଣ୍ଡି ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଚଳପ୍ରଚଳ ଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଏସ୍‌ପି ଅଭିଲାଷ ଜି.ଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ରାତିରେ ଜଙ୍ଗଲରେ ସିଆର୍‌ପିଏଫ୍ ଓ ଏସ୍‌ଓଜି ପକ୍ଷରୁ ମିଳିତ ଅପରେଶନ ଆରମ୍ଭ ହୋଇଥିଲା। ଏହି ସମୟରେ ସୁରକ୍ଷା କର୍ମୀଙ୍କୁ ଦେଖି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷା କର୍ମୀଙ୍କ ପକ୍ଷରୁ ସେଠାରେ ଗୋଟିଏ ଲ୍ୟାଣ୍ଡମାଇନକୁ ନଷ୍ଟ କରାଯାଇଥିଲା। କ୍ୟାମ୍ପରୁ ୫୮ଟି ଜୀବନ୍ତ ଗୁଳି, ପୋଷାକ, ୭୪ଟି ଜିଲୋଟିନ,୧୦ଟି ଡେଟୋନେଟର, ହ୍ୟାଣ୍ଡ ଗ୍ରେନେଡ୍, ବନ୍ଧୁକ ଓ ପାଉଡର ସମେତ ବ୍ୟାନର ଆଦି ଜବତ କରାଯାଇଛି। କ୍ୟାମ୍ପରେ ବଂଶଧାରା ଘୁମୁସର ନାଗାବଳୀ ଡିଭିଜନ କମିଟି ଓ କଳାହାଣ୍ଡି କନ୍ଧମାଳ ବୌଦ୍ଧ ନୟାଗଡ଼ ଡିଭିଜନାଲ ଟିମର ୧୦ରୁ ୧୨ ମାଓବାଦୀ ରହିଥିଲେ ବୋଲି ଜଣାପଡିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବଳରାମ, ଏସ୍‌ଓଜିର ଏସ୍‌କେ ବାଜପାୟୀ ପ୍ରମୁଖ ଉପସ୍ଥିତ ରହିଥିଲେ।



ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜାତୀୟ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧି ଲାଗୁ କରିବା ପରେ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସରକାରୀ ବିଜ୍ଞାପନ ହଟାଯାଉଛି। **(ଫଟୋ-ସୁନୀଲ, ବଲାଙ୍ଗୀର)**

## ବୁର୍ଡା ରାମ ଟ୍ରେଡର୍ସରେ ଜିଏସ୍‌ଟି ଚଢ଼ାଉ

ବଲାଙ୍ଗୀର,୧୬।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଗାଁର ରାମ ଟ୍ରେଡର୍ସ ଉପରେ ଶନିବାର ସିଟି ଏବଂ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସିମେଣ୍ଟ, ଲୁହାରଡ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ଏଇ ଦୋକାନରେ ବଲାଙ୍ଗୀର ସିଟି ଏବଂ ଜିଏସ୍‌ଟି ବିଭାଗ ଅଧିକାରୀମାନେ ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରିଥିଲେ। ଏହି ଚଢ଼ାଉରେ ବିଭାଗୀୟ ଡେପୁଟି କମିଶନର କିଶୋର ଚନ୍ଦ୍ର ମେହେର, ଆସିଷ୍ଟାଣ୍ଡ କମିଶନର ରାଜେନ୍ଦ୍ର କୁମାର ନାଏକ, ସିଟି ଏବଂ ଜିଏସଟି ଅଧିକାରୀ ଜିତେନ୍ଦ୍ରୀୟ ବାଗ, ସରୋଜ କୁମାର ବେରିଆ ପ୍ରମୁଖ ସାମିଲ ଥିଲେ।

## ନୂତନ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

ପାଟଣାଗଡ,୧୬।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ସ୍ଥିତ ୧୫ ନଂ ୱାର୍ଡ କୁକୁରମୁଣ୍ଡାରେ ନୂତନ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟନ ହୋଇଯାଇଛି। ବିଧାୟକ ସରୋଜ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଏନଏସି ଅଧକ୍ଷା ମାନସୀ ବିଶ୍ୱାଳ, ଉପନଗରପାଳ ପ୍ରଫୁଲ୍ଲ କୁମାର ମେହେର, ବ୍ଲକ ଅଧକ୍ଷ ନୀଳକାନ୍ତ ବାଗ, ଉପାଧକ୍ଷା ସୁଶ୍ରୀ ଲକ୍ଷ୍ମୀ ମାଝି, ଉକ୍ତ ୱାର୍ଡର କାଉନସିଲର ମକୁନ୍ଦ ମେହେର ଯୋଗଦେଇଥିଲେ। ପ୍ରଶାସନିକ ଅଧିକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ ଓ ସରକାରୀ ନିର୍ବାହୀ ଯନ୍ତ୍ରି ଟନକିଶୋର ନାୟକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଜେଡି କର୍ମୀ ଙ୍କ ସହ ସତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ପାନୀୟ ଜଳକଷ୍ଟରେ ୩ ପଡ଼ାର ଲୋକେ

ଲାଠୋର,୧୬।୩(ଭୁବନେଶ୍ୱର ବାରିକ)

**ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଦାବି**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ପିପଲବାହାଲ ଗ୍ରାମର ବନ୍ଧପଡ଼ା, ବାଗପଡ଼ା ଏବଂ ଖଇରା ପଡ଼ାରେ ପାନୀୟ ଜଳକଷ୍ଟ ଦେଖାଦେଇଛି। ଏହିସବୁ ପଡାରେ ଥିବା ନଳକୂପ ଗୁଡିକରୁ ଆବଶ୍ୟକ ଅନୁସାରେ ଅଥବା ବ୍ୟବହାର ଉପଯୋଗୀ ପାଣି ବାହାରୁ ନାହିଁ। ଫଳରେ ଏହି ସବୁ ପଡାରେ ବସବାସ କରୁଥିବା ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବାକୁ ଥିବାବେଳେ ଜଳ ସଙ୍କଟ ଅସମ୍ଭାଳ ସ୍ଥିତି ସୃଷ୍ଟି କରି ପାରେ ବୋଲି ଲୋକେ ଆଶଙ୍କାବ୍ୟକ୍ତ କରିଛନ୍ତି। ଗ୍ରାମର ବନ୍ଧପଡ଼ା, ବାଗପଡ଼ା ଏବଂ ଖଇରା ପଡ଼ାରେ ୧୧୦ ପରିବାର ବସବାସ କରନ୍ତି। ପାରମ୍ପରିକ ଜଳଉତ୍ସ ସବୁ ଶୁଖି ଗଲାଣି। ନଳକୂପରୁ ଆଶାନୁରୂପ ପାଣି ବାହାରୁନାହିଁ। ଅନ୍ୟନୋପାୟ ହୋଇ ଲୋକେ ବାଧ୍ୟ ହୋଇ ସେହି ନଳ କୂପମାନଙ୍କର ଦୁଷିତ ପାଣିକୁ ପାନୀୟ ରୁପେ ବ୍ୟବହାର କରୁଛନ୍ତି। ଗ୍ରାମର ଅନ୍ୟ ପଡ଼ାମାନଙ୍କରେ ଏବେ ଓଭରହେଡ଼ ଟ୍ୟାଙ୍କ ନିର୍ମାଣ କରାଯାଇ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଘରକୁ ଘର ପାଇପ ସଂଯୋଗ କରାଯାଉଛି। ଏପରିସ୍ଥଳେ ସଂପୃକ୍ତ ୩ପଡ଼ାରେ କୌଣସି ବ୍ୟବସ୍ଥା କରାଯାଉନାହିଁ। ଲୋକ ପାଇପ ଜଳଯୋଗାଣ ପାଇଁ ଦାବି କଲେ ରେଳ ଧାରଣା ଅତିକ୍ରମ କରି ଜଳଯୋଗାଣ ପାଇପ ପୋତିବାରେ ଅସୁବିଧା ହେଉଛି ବୋଲି ବିଭାଗ ପକ୍ଷରୁ କୁହାଯାଉଛି। ଏପରିସ୍ଥଳେ ସମ୍ପୃକ୍ତ ପଡାର ଯେକୌଣସି ସ୍ଥାନରେ ପ୍ରକଳ୍ପ ନିର୍ମାଣ କରାଯାଉ ବୋଲି ଲୋକେ ଦାବି କରିଛନ୍ତି। ଏନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରୁ ଆମେ ରେଳ ବିଭାଗକୁ ଅନୁମତି ମଗିଥିଲୁ। ହେଲେ ସେମାନେ ମନା କରିଦେଲେ। ଲାଠୋର ଜଳ ଯୋଗାଣ ପ୍ରକଳ୍ପରୁ ସମ୍ପୃକ୍ତ ପଡ଼ାବାସୀଙ୍କୁ ଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।

# ସୁପ୍ରିମଟାକ୍ସରେ ମହାସ୍ୱାସ୍ଥ୍ୟ କର୍ମଶାଳା

ବଲାଙ୍ଗୀର,୧୬।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରସ୍ଥିତ ସୁପ୍ରିମଟାକ୍ସ ଜେନେରାଲ ହସ୍ପିଟାଲ ଏବଂ ନେତ୍ର ନିକେତନଠାରେ ଶନିବାର ସୁପ୍ରିମଟାକ୍ସ ଅଧକ୍ଷ ଅଜିତ ପାଲଙ୍କ ଉଦ୍ୟମକ୍ରମେ ଚକ୍ଷୁ ସମସ୍ୟା ଓ ଏହାର ନିରାକରଣ ପାଇଁ ଏକ ମହାସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ୩ ଶହରୁ ଉର୍ଦ୍ଧ୍ୱ ଆଶାକର୍ମୀ, ଏସ୍‌ଏଚ୍‌ଜି ମହିଳା କର୍ମୀ ଓ ଅଙ୍ଗନୱାଡି କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ। ଅଧକ୍ଷ ଅଜିତ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ଜିଲାରେ ଚକ୍ଷୁରୋଗ ବ୍ୟାପକ ମାତ୍ରାରେ ବୃଦ୍ଧି ପାଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରତ୍ୟେକ ବର୍ଷ ହଜାର ହଜାର ଚକ୍ଷୁ ଅସ୍ତ୍ରୋପଚାର ମାଗଣାରେ କରାଯାଉଥିବା ପରିପ୍ରେକ୍ଷୀରେ ଚଷମା ସମସକୁ ଦୃଷ୍ଟିରେ ରଖି ଉପଯୁକ୍ତ ରୋଗୀକୁ ମାଗଣାରେ ଚଷମା ଦିଆଯିବା ପାଇଁ ଘୋଷଣା କରିଥିଲେ। ଆଗାମୀ ୩ବର୍ଷ ମଧ୍ୟରେ ୧୦ ଲକ୍ଷ ଚଷମା ବଲାଙ୍ଗୀର ସମେତ ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲାମାନଙ୍କୁ ବିତରଣ କରିବା କାର୍ଯ୍ୟକ୍ରମ ସମ୍ପର୍କରେ ସେ କହିଥିଲେ । ଏହି ପରିପ୍ରେକ୍ଷୀରେ ୫୦ହଜାର ଚଷମା ପାଲ ଙ୍କ ଉଦ୍ୟମ କ୍ରମେ ଆମେରିକାରୁ ଅଣାଯାଇ ପାରିଥିବାରୁ ପାଲଙ୍କ ସମୟୋପଯୋଗୀ ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସୁପ୍ରିମଟାକ୍ସ ଉପଦେଷ୍ଟା ଡା. ସିଦ୍ଧେଶ୍ୱର ମିଶ୍ର ସଭାପତିତ୍ୱ କରିଥିଲେ। ସତ୍ୟସୁନ୍ଦର ଦୀପ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସମଗ୍ର ଶିକ୍ଷା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ



ଜିଲା ଶିକ୍ଷାଅଧିକାରୀ ଜଣେ ଦୃଷ୍ଟିବାଧିତ ଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରୁଛନ୍ତି।

ଭବାନୀପାଟଣା,୧୬।୩ (ଉତ୍ତମ କୁମାର ଦାଶ)

ସମଗ୍ର ଶିକ୍ଷା ଅଭିଯାନ କଳାହାଣ୍ଡି ପକ୍ଷରୁ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ଲାପଟପ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ସହରସ୍ଥିତ ସମଗ୍ର ଶିକ୍ଷା ଅଭିଯାନ ସଭାଗୃହଠାରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଶା ରେଡ୍ଡୀ, ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜିକା ଲିପିକା ଅପରାଜିତା, ସାଇଟସେଭର ପ୍ରକଳ୍ପ ଅଧିକାରୀ ଯୋଗେଶ୍ୱର ବୁଦ୍ଧିଆ, ଭବାନୀପାଟଣା ବିଆରଟି ରଞ୍ଜନ ମେହେର, ଜୟପାଟଣା ବିଆରଟି ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମଗ୍ର ଶିକ୍ଷା ଷ୍ଟାର୍ ପ୍ରକଳ୍ପ ପକ୍ଷରୁ ୯ ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲାପଟପ ଦିଆଯାଇଥିବା ବେଳେ ସାଇଟସେଭର ଦ୍ୱାରା ୭ଟି ଲେପଟପ, ୬ଟି ସ୍ମାର୍ଟ ଫୋନ, ୧୫ଟି ବ୍ରେଲ କିଟ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ସମଗ୍ର ଶିକ୍ଷା ପକ୍ଷରୁ ଅନ୍ତର୍ନିବେଶୀ ଶିକ୍ଷାର ସଫଳ ରୂପାୟନ ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଉଛି। ଜିଲା ସାଧନ କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ଅନେକ ସମୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଆର୍ଥିକ, ଶାରୀରିକ ଓ ମାନସିକ ସହାୟତା ଯୋଗେଇ ଦିଆଯାଉଛି। ଆଗାମୀ ଦିନମାନଙ୍କରେ ମଧ୍ୟ ସମଗ୍ର ଶିକ୍ଷା ପକ୍ଷରୁ ସହାୟତା ଜାରି ରହିବ ବୋଲି ସୂଚନା ମିଳିଛି।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ଅବସର ଗ୍ରହଣ କରିଥିବା ଦୁଇ କର୍ମଚାରୀ।

ବଲାଙ୍ଗିର,୧୬।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଦୁଇ କର୍ମଚାରୀ ଘାସିରାମ କାଲସାଏ ଏବଂ ରାଜେନ୍ଦ୍ର ମେହେରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଉଭୟ କର୍ମଚାରୀ ଦୀର୍ଘ ବର୍ଷ ଧରି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦୁଇ କର୍ମଚାରୀ କାଲସାଏ ଏବଂ ମେହେରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଚାକିରୀରୁ ଅବସର ଗ୍ରହଣ କରିଥିବା ଘାସିରାମ କାଲସାଏ ୩୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ରାଜେନ୍ଦ୍ର ମେହେର ୨୮ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୁଚାରୁ ରୂପେ କର୍ତ୍ତବ୍ୟ ସମ୍ପାଦନ କରିଥିଲେ।

# ଦୋଳଯାତ୍ରା ପାଇଁ ନାମଯଜ୍ଞ ପରିଚାଳନା କମିଟି ଗଠିତ

ଅମରପାଲି,୧୬।୩(ପୀତାମ୍ବର ସାହୁ)

**ବୀରମହାରାଜପୁର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ପ୍ରସିଦ୍ଧ ଦୋଳଯାତ୍ରା ଆସନ୍ତା ୨୨ତାରିଖ ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବ। ଏହି ଅବସରରେ ଚବିଶ ପ୍ରହର ନାମଯଜ୍ଞ ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଦୋଳ ଯାତ୍ରା ଅବସରରେ ହରିହର ମେଳଣ ପ୍ରମୁଖ ଆକର୍ଷଣ ହୋଇଥିବା ବେଳେ ଏହି ଅବସରରେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥାଏ। ଚଳିତବର୍ଷ ଚବିଶ ପ୍ରହର ନାମଯଜ୍ଞ ପରିଚାଳନା ପାଇଁ ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଦୟାନିଧି ହୋତା ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ଏକ ପରିଚାଳନା କମିଟି ଗଠିତ ହୋଇଯାଇଛି। ଦୟାନିଧି ହୋତାଙ୍କୁ ସଭାପତି, ଅକ୍ଷୟ କୁମାର ମିଶ୍ରଙ୍କୁ ସମ୍ପାଦକ ଓ କୋଷାଧକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି। ଦାମୋଦର ହୋତାଙ୍କୁ ସହ ସମ୍ପାଦକ ଓ ସହକାରୀ କୋଷାଧକ୍ଷ ଏବଂ ମନୋରଞ୍ଜନ ତରିଆଙ୍କୁ ଉପ ସଭାପତି ଭାବେ ଚୟନ କରାଯାଇଛି। ଛବିଳ କର୍ଣ୍ଣ, ଚମରା ମହାକୁର,ସୁରେନ୍ଦ୍ର ମଲ୍ଲିକ,ନାରାୟଣ ମେହେର,ଶିବ ଅଗ୍ରୱାଲା,ରଘୁ ଖଣ୍ଡାୟତ,ସନ୍ତୋଷ ଷଡ଼ଙ୍ଗୀ ଓ ଧୂମକେତୁ ମେହେରଙ୍କୁ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ଚୟନ କରାଯାଇଛି। କିଭଳି ଭାବେ ସୁଚାରୁ ଭାବେ ନାମଯଜ୍ଞ ପରିଚାଳନା ହେବ ସେଥିପ୍ରତି ଏହି କମିଟି କାମ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଭାଙ୍ଗିଲା ହରିହର ଯୋର ଜଳସେଚନ ପ୍ରକଳ୍ପର କେନାଲ

ଅମରପାଲି,୧୬।୩(ପୀତାମ୍ବର ସାହୁ)

- ପ୍ରଭାବିତ ହେବ ରବି ଧାନ ଚାଷ
- ଆଶା ଆଶଙ୍କାରେ ଚାଷୀ



ହରିହର ଯୋର ପ୍ରକଳ୍ପର କେନାଲ ଭାଙ୍ଗିଯାଇଛି।

ସୁବର୍ଣ୍ଣପୁର ଜିଲାର ଜୀବନରେଖା ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ଶନିବାର ଭାଙ୍ଗିଛି। କେନାଲ ଭାଙ୍ଗିବାରୁ ପାଣି ପ୍ରବାହିତ ହେଉଥିବା ବେଳେ କେନାଲ ର ତଳ ମୁଣ୍ଡକୁ ପାଣି ଯାଇ ପାରୁନାହିଁ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଚାଷୀଙ୍କ ଏକମାତ୍ର ଭରସା ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ। ଉକ୍ତ ପ୍ରକଳ୍ପର କେନାଲ ସାହାଯ୍ୟରେ ଜଳସେଚନ କରି ଚାଷୀ ଚାଷ କରୁଛନ୍ତି। ଏବେ ରବି ଋତୁରେ ଧାନ ଚାଷ କରିଛନ୍ତି ଚାଷୀ। ଚାଷ ପାଇଁ ଏବେ ପାଣି ଆବଶ୍ୟକ ହେଉଥିବା ବେଳେ ବିଭିନ୍ନ ସମୟରେ କେନାଲ ଭାଙ୍ଗି ଯାଉଥିବା ଅଭିଯୋଗ ହୋଇ ଥାଏ। ବାରମ୍ବାର ପ୍ରକଳ୍ପର କେନାଲ ଭାଙ୍ଗୁଥିବା ବେଳେ ଏଥିରେ ଚାଷୀ ହତାଶ ହେବା ସହ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପରୁ ଯାଇଥିବା କେନାଲର କାଦୋବର ପଞ୍ଚାୟତର ଗଇଲଗୁଡି ନିକଟସ୍ଥ ମୁଖ୍ୟ କେନାଲର ୪୫ ନମ୍ବର କେନାଲ ଆଉଟଲେଟ ନିକଟରେ ଜଙ୍ଗଲ ପାର୍ଶ୍ୱକୁ କେନାଲରେ ବଡ ଗର୍ତ୍ତ ହୋଇ ପାଣି ଜଙ୍ଗଲ ଭିତରକୁ ବୋହିଯାଇଛି। ଫଳରେ କେନାଲର ତଳ ମୁଣ୍ଡକୁ ପାଣି ଯାଇ ପାରୁନାହିଁ। ଧାନ ଚାଷ ନଷ୍ଟ ହେବାର ଆଶଙ୍କା ରହିଛି। ତେଣୁ ଚାଷୀ ଆଶା ଓ ଆଶଙ୍କାରେ ରହିଛି। କେନାଲ ଭାଙ୍ଗିଥିବା ଖବର ପାଇ ବିଭାଗୀୟ ଅଧିକାରୀ କେନାଲ ପାଣିକୁ ଡ୍ୟାମରୁ ବନ୍ଦ କରାଇ ଦେଇଥିବା ଜଣାପଡ଼ିଛି। କେନାଲ ଭାଙ୍ଗିବା ଫଳରେ ବହୁ ଚାଷୀଙ୍କ ଧାନଚାଷ ପ୍ରଭାବିତ ହେବାର ଆଶଙ୍କା ଥିବା ଦେଖାଯାଉଛି । କେନାଲ ଭଙ୍ଗା ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ କ୍ରିଷ୍ଣା ଜେନାଙ୍କୁ ଯୋଗାଯୋଗ କରାଯିବାରୁ ସେ କେନାଲ ଭାଙ୍ଗିଥିବା ସ୍ୱୀକାର କରିଥିଲେ। କେନାଲ ଭାଙ୍ଗିବା ଘଟଣା ସନ୍ଦେହଜନକ ବୋଲି କହିବା ସହିତ କିଛି ଖଳପ୍ରକୃତି ଲୋକ କେନାଲ ଭାଙ୍ଗିଦେଇ ଥାଇପାରନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ସେପଟେ କେନାଲ ମରାମତି ବେଳେ ନିମ୍ନମାନର କାମ ଯୋଗୁ ଏଭଳି ହେଉଥିବା ଆଲୋଚନା ହେଉଛି । ରବିବାର ସକାଳୁ ଯୁଦ୍ଧକାଳୀନ ଭିତ୍ତିରେ ଏହା ମରାମତି କରି କେନାଲକୁ କାର୍ଯ୍ୟକ୍ଷମ କରାଯିବ ଓ ଠିକ ସମୟରେ ଚାଷୀଙ୍କ ଜମିକୁ ପାଣି ଛଡାଯିବ ବୋଲି ଜେନା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ଲୋଇସିଂହା, ୧୬।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭଟା ଫାଣ୍ଡି ପୋଲିସ ଡୁମେରପାଲିରେ ଶନିବାର ଚଢ଼ାଉ କରି ଜଣେ ମଦ କୁଟିଆଙ୍କୁ ଗିରଫ କରିଛି। ସେ ହେଲେ ପଟୁଆପାଲି ଗ୍ରାମର ଲକପତି ସେଠ (୫୩)। ତାଙ୍କଠାରୁ ୧୨ ଲିଟର ରନ୍ଧା ମଦ ଜବତ ହୋଇଛି। ଶନିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଲକପତି ହେଉଛନ୍ତି ଆଗଲପୁର ବ୍ଲକ ପଟୁଆପାଲି ପଞ୍ଚାୟତ ସଦର ଗାଁର। ହେଲେ ନିକଟସ୍ଥ ଡୁମେରପାଲି ଗ୍ରାମର ପୋଖରୀ ହୁଡ଼ାରେ ବେଆଇନ ଭାବେ ମଦ କାରବାର କରି ଆସୁଥିବା ନେଇ ଲୋଇସିଂହା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା।

### ୫କୁଇଣ୍ଟାଲ ଖଇର କାଠ ଜବତ

ଖପ୍ରାଖୋଲ, ୧୬।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ହରିଶଙ୍କର ବନ ବିଭାଗ ଚଢ଼ାଉ କରି ଧଣ୍ଡାମୁଣ୍ଡା ସେକ୍ସନ ଅଧିନ ବେନକେରା ନିକଟ ଏକ ଚାଷ ଜମିରୁ ଚାଲାଣ ପାଇଁ ଗଚ୍ଛିତ ଥିବା ଖଇର କାଠ ଶନିବାର ଜବତ କରିଛି। ଜବତ କାଠର ପରିମାଣ ୫ କୁଇଣ୍ଟାଲ ହେବ ବୋଲି ବନବିଭାଗ ସୂଚନା ଦେଇଛି। ଧଣ୍ଡାମୁଣ୍ଡା ବାନପାଲ ଅରବିନ୍ଦ ଧରୁଆ, ବନପାଲ ସୁଧୀର କୁମାର ଜେନା, ବନରକ୍ଷୀ ରାଜେନ୍ଦ୍ର ଧରୁଆ ସମେତ ପାରା ସ୍କ୍ୱାଡ ଚଢାଉ ବେଳେ ଉପସ୍ଥିତ ଥିଲେ। ଏନେଇ ହରିଶଙ୍କର ରେଞ୍ଜରେ ଏକ ମାମଲା ରୁଜୁ ହୋଇଥିବା ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ପ୍ରକାଶ କରିଛନ୍ତି।

### ଗନ୍ଧମାର୍ଦ୍ଦନ ପାହାଡ଼ତଳି ଅଞ୍ଚଳରେ ଦନ୍ତାହାତୀ

ଖପ୍ରାଖୋଲ, ୧୬।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଞ୍ଚଳରେ ଏକ ଦନ୍ତାହାତୀ ହାତୀ ବୁଲୁଛି। ପାହାଡ଼ ତଳି ନନ୍ଦୁପଲା ପଞ୍ଚାୟତ ଛଞ୍ଚାଣବାହାଲି ଗାଁ ପାଖରେ ହାତୀ ଶନିବାର ଦେଖିବାକୁ ମିଳିଥିଲା। ପାଖଷର ଥିବା ରବିଧାନ ସେ ଖାଇଥିବା ଜଣା ପଡିଛି। ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକଙ୍କୁ ପଚାରିବାରୁ ହାତୀକୁ ନେଇ ବିଭାଗ ସତର୍କ ରହିଛି। ଏନେଇ ଲୋକଙ୍କୁ ସଚେତନ କରାଯାଉଛି। ସନ୍ଧ୍ୟାରେ ହାତୀ ବ୍ରାହ୍ମଣୀ ଗାଁ ନିକଟ ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ଥିବା ସେ ସୂଚନା ଦେଇଛନ୍ତି।

### ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷକ ମାଡ଼ ମାରିବା ଅଭିଯୋଗ

ଦେଓଗାଁ, ୧୬।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଅର୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ପ୍ରଥମ ଶ୍ରେଣୀର ଛାତ୍ରକୁ ଶିକ୍ଷକ ମାଡ ମାରିଥିବା ଅଭିଯୋଗ ହୋଇଛି। ଶିକ୍ଷକଙ୍କ ମାଡ ଯୋଗୁ ଛାତ୍ର ବିଦ୍ୟାଳୟକୁ ଯିବାପାଇଁ ଅନିଚ୍ଛା ପ୍ରକାଶ କରୁଥିବା ତାଙ୍କ ବାପା ବନମାଳୀ ମେହେର କହିଛନ୍ତି । ସୂଚନାନୁସାରେ ଗତ ୧୩ ତାରିଖରେ ପ୍ରଥମ ଶ୍ରେଣୀର ଛାତ୍ର ସ୍ୱରାଜ ମେହେରଙ୍କୁ ତାଙ୍କ ମା’ ବିଦ୍ୟାଳୟକୁ ନେଇ ଛାଡିଥିଲେ। ପୁଅର ପାଠପଢା ସମ୍ପର୍କରେ ପ୍ରଧାନଶିକ୍ଷକ ହେମନ୍ତ କୁମାର ପୁରୋହିତଙ୍କ ସହ ଆଲୋଚନା କରି ଘରକୁ ଫେରିଥିଲେ । ହେଲେ ପରେ ପ୍ରଧାନ ଶିକ୍ଷକ ପୁରୋହିତ ସ୍ୱରାଜଙ୍କୁ କୁଆଡେ ମାଡ ମାରିଥିଲେ । ଛାତ୍ର ଜଣକ ଘରକୁ ଫେରି ଗାଧୋଇବା ବେଳେ ପିଠିରେ ନାଲିଚିହ୍ନ ଦେଖିବାକୁ ମିଳିଥିଲା। ମା’ ଏ ନେଇ ପଚାରିବାରୁ ସମ୍ପୃକ୍ତ ଶିକ୍ଷକ ମାଡ ମାରିଥିବା କହିଥିଲେ। ପରେ ଅଭିଭାବକ ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ନିକଟରେ ଅଭିଯୋଗ କରିଥିଲେ। ପରିଚାଳନା କମିଟି ପରାମର୍ଶ କ୍ରମେ ସ୍ୱରାଜଙ୍କ ପିତା ସ୍ଥାନୀୟ ଶିକ୍ଷା ବିଭାଗ ନିକଟରେ ମଧ ଅଭିଯୋଗ କରିଥିଲେ। ଦୁଇଦିନ ବିତି ଯାଇଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ପୁରୋହିତଙ୍କୁ ପଚାରିବାରୁ ମାଡ ମାରିନାହିଁ। ସ୍ୱରାଜ ପାଠ ପଢ଼ିବାକୁ ଅରାଜି ହେବାରୁ ତାଗିଦ୍ କରି ପିଠି ଥାପୁଡାଇ ଦେଇଥିଲି ବୋଲି କହିଛନ୍ତି। ବ୍ଲକ ଶିକ୍ଷାଧିକାରୀ ମମତା ମାହାଡିକଙ୍କୁ ପଚାରିବାରୁ ଏ ନେଇ ଅଭିଯୋଗ ପାଇଛି। ସୋମବାର ଘଟଣାର ତଦନ୍ତ କରି ପରବର୍ତ୍ତୀ ପଦକ୍ଷେପ ନେବି ବୋଲି କହିଛନ୍ତି।

# ଡାଲଖାଇର ତାଳେ ତାଳେ ଝୁମିଲେ ଦର୍ଶକ

ସିନାପାଲି, ୧୬।୩(ମନଫୁଲ ମେହେର)


ଉଦନ୍ତୀ ମହୋତ୍ସବ ଦ୍ୱିତୀୟ ଦିବସ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଉଦନ୍ତୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

କଳା, ସଂସ୍କୃତି,ପରମ୍ପରା ଓ ଐତିହ୍ୟର ମହାମିଳନର ପର୍ବ ଉଦନ୍ତୀ ମହୋତ୍ସବ ଦ୍ୱିତୀୟ ଦିବସ ସାନ୍ଧ୍ୟକାଳୀନ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସାନ୍ଧ୍ୟକାଳୀନ ସଭାରେ ମହୋତ୍ସବ ପାଳନ କମିଟିର ଉପସଭାପତି ପ୍ରିୟରଞ୍ଜନ ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ସିନାପାଲି ପଞ୍ଚାୟତ ସମିତି ଅଧକ୍ଷା ମାଧୁରୀ ମାଝି, ବିଶିଷ୍ଟ ଅତିଥି ଭାବେ ନାଗରିକ କମିଟି ସଭାପତି ଡମ୍ବରୁଧର ମେହେର, ସମ୍ମାନିତ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଖରିଆର ରୋଡ଼ ଅଧକ୍ଷା ସୋନିଆ ଜୈନ, ଉତ୍ସବ ପାଳନ କମିଟି ଉପସଭାପତି ପ୍ରଦୀପ କୁମାର ଜୈନ ପ୍ରମୁଖ ମଞ୍ଚାସିନ ଥିଲେ। ଶିବ ପ୍ରସାଦ ମେହେର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ପରିଚୟ ପ୍ରଦାନ କରିଥିଲେ। ସତ୍ୟସାଇ ସେବା ସମିତି ପକ୍ଷରୁ ଦେବପୂଜନ ଓ ବେଦପାଠ କରାଯାଇଥିଲା। ଭାଜପା ଜିଲା ସଭାପତି ସୁବ୍ରତ ଠାକୁର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ କବି ବୈଷ୍ଣବ ମେହେର ଓ ସନ୍ତୋଷ ନାୟକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଂସ୍କୃତିକ ଦଳ ଯଥା ଅମୃତଧାରା ଛତିଶଗଡ଼, ଜୟ ମାତା ଦି ସାଂସ୍କୃତିକ ଅନୁଷ୍ଠାନ ଖଡ଼ିଆଳ, କୃଷ୍ଣପ୍ରିୟ କଳା ପରିଷଦ ତୁଷରା, ଚିନିଚପା କଳା ପରିଷଦ ପାଟଣାଗଡ଼, ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଭବାନୀପାଟଣା, ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ଖଡ଼ିଆଳ, ଗାୟତ୍ରୀ କଳା ସଙ୍ଗଠନ ରାୟଗଡାର କଳାକାରମାନେ କଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସମ୍ବର୍ଦ୍ଧନା ଓ ସ୍ମୃତି ସ୍ମାରକୀ ପ୍ରଦାନ କାର୍ଯ୍ୟକ୍ରମକୁ ଗୁପ୍ତେଶ୍ୱର ମେହେର ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଭାଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ସୁବାସ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଶେଷରେ ନୀଳାଞ୍ଚଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ଡାଲଖାଇ ଓ ମାଇଲାଜଡର ତାଳେତାଳେ ଦର୍ଶକଙ୍କୁ ଦୀର୍ଘସମୟ ଧରି ବାନ୍ଧି ରଖିପାରିଥିଲେ।

# ବ୍ୟାଙ୍କ ସମ୍ମୁଖରୁ ଡିକି ଭାଙ୍ଗି ୨ଲକ୍ଷ ଲୁଟିନେଲେ

ବଲାଙ୍ଗୀର, ୧୬।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରେଲୱେ ଷ୍ଟେଶନ୍ ରାସ୍ତା କଡରେ ଥିବା ଆଇସିଆଇସିଆଇ ବ୍ୟାଙ୍କ ସମ୍ମୁଖରୁ ଜଣେ ଠିକାଦାରଙ୍କ ସ୍କୁଟି ଡିକି ଭାଙ୍ଗି ଦୁର୍ବୃତ୍ତ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ବଲାଙ୍ଗୀର ଟିକ୍ରାପଡା ନିବାସୀ ଅଙ୍କୁଶ ହୋତା ଶନିବାର ଅପରାହ୍ଣରେ ଏ ନେଇ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଠିକାଦାର ହୋତା କହିଛନ୍ତି ଯେ, ଶନିବାର ବଲାଙ୍ଗୀର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖାରୁ ଟଙ୍କା ଉଠାଇଥିଲେ। ସେଠାରୁ ବିଭିନ୍ନ ଲୋକଙ୍କୁ ପାଉଣା ଦେବା ପରେ ଆଇସିଆଇସିଆଇ ବ୍ୟାଙ୍କକୁ ଜମା କରିବା ପାଇଁ ଯାଇଥିଲେ। ସ୍କୁଟି ଡିକିରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିଲା। ବ୍ୟାଙ୍କ ଏଟିଏମ୍‌ରୁ ଫେରିବା ପରେ ସ୍କୁଟି ଡିକିରୁ ଟଙ୍କା ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ପାଖରେ ଥିବା ଏକ ଦୋକାନର ସିସିଟିଭି ଯାଞ୍ଚ କରାଯିବାରୁ ଦୁଇଜଣ ପିଲା ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିବା ଦେଖାଯାଇଥିଲା। ଏସବିଆଇ ମୁଖ୍ୟଶାଖାରୁ ବାହାରିବା ପରଠାରୁ ଠିକାଦାର ହୋତାଙ୍କୁ ଦୁଇଜଣ ଯୁବକ ପିଛା କରୁଥିଲେ। ଆଇସିଆଇସିଆଇ ବ୍ୟାଙ୍କ ସମ୍ମୁଖରେ ହୋତା ତାଙ୍କ ସ୍କୁଟି ରଖି ଏଟିଏମ୍‌କୁ ଯିବା ପରେ ଦୁଇ ଲୁଟେରା ଡିକି ଭାଙ୍ଗି ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ କରିଛନ୍ତି। ପାଖରେ ଥିବା ସିସିଟିଭି ଯାଞ୍ଚରୁ ଦୁଇ ଲୁଟେରା ବିକ୍ରମ ଛକ ପଟକୁ ପଳାଉଥିବା ଦେଖାଯାଇଛି। ଘଟଣାର ଉଚିତ୍ ତଦନ୍ତ କରି ଲୁଟେରାଙ୍କୁ ଗିରଫ କରି ଲୁଟ୍ ଟଙ୍କା ଉଦ୍ଧାର କରିବାକୁ ଠିକାଦାର ହୋତା ପୋଲିସକୁ ଅନୁରୋଧ କରିଛନ୍ତି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ସିନାପାଲି, ୧୬।୩(ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ବ୍ଲକ ସ୍ଥିତ ଗୋଡାଳ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଯୋଷୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହେବା ପରେ ଅଭିଭାବକମାନେ ଖୁସିବ୍ୟକ୍ତ କରି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ସିନାପାଲି ବ୍ଲକ ବସୁପଦର ଗ୍ରାମଠାରେ ମାଳପଡ଼ା ଓ ବସୁପଦର ଗ୍ରାମର ଅଭିଭାବକମାନେ ମିଳିତ ଭାବେ ଏକ ସଭା କରି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଅଭିଭାବକମାନେ ଔପଢୌକନ ଦେଇ ଆଦର୍ଶ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ସମ୍ବର୍ଦ୍ଧନା ସଭାରେ ବିରସିଂ ମାଝି, ନାରାୟଣ ମାଝି, ରଘୁନାଥ ମାଝି, କୁଷଧର ମାଝି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହିଥିଲେ। ପ୍ରଧାନ ଶିକ୍ଷକ ଯୋଷୀ ଉପସ୍ଥିତ ଅଭିଭାବକମାନଙ୍କୁ ଧନ୍ୟବାଦ ଜ୍ଞାପନ ଜଣାଇ ଆପଣମାନଙ୍କ ସ୍ନେହ ଶ୍ରଦ୍ଧା ଓ ଭଲ ପାଇବା ଯୋଗୁ ଏହି ସମ୍ମାନ ମିଳିଛି। ଆପଣ ମାନଙ୍କ ଆର୍ଶିବାଦରେ ଆଗକୁ ଏହି ଶିକ୍ଷାନୁଷ୍ଠାନ ଆହୁରି ଆଗକୁ ଯିବାକୁ ବେଶ ପ୍ରେରଣା ଯୋଗାଇବା ସହିତ ଏହି ସମ୍ବର୍ଦ୍ଧନା ମୋ ଶିକ୍ଷା ଜୀବନ ଭିତରେ ଅଭୁଲା ସ୍ମୃତି ହୋଇ ରହିବ ବୋଲି କହିଥିଲେ। ଏହି ଅବସରରେ ଏନଆରଟିଏସ ୨୦୨୩-୨୪ ଶିକ୍ଷା ବର୍ଷରେ ଜିଲାରେ ସର୍ବୋଚ୍ଚ ମାର୍କ ରଖି କୃତିତ୍ୱ ହାସଲ କରିଥିବା ଓଁକାର ମାଝି ଓ କେଶରୀ ମାଝି ଛାତ୍ର ଦ୍ୱୟଙ୍କୁ ଅଭିଭାବକ ତଥା ଗ୍ରାମବାସୀ ଔପଢୌକନ ଦେଇ ସମ୍ମାନିତ କରିଥିଲେ। ବିଦ୍ୟାଳୟ ପୂର୍ବତନ ଛାତ୍ର ବେଣୁଧର କୁବେର ଓ ଈଶ୍ୱର ରୁଦ୍ର ସହଯୋଗ କରିଥିଲେ।

# ଗୋଟୋମୁଣ୍ଡା-ଦହିମାଲ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର


ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

କୋକସରା, ୧୬।୩(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ପଞ୍ଚାୟତ ଓ ପୋଡ଼ଶୀ ନବରଙ୍ଗପୁର ଜିଲା ଦହିମାଲକୁ ସଂଯୋଗ ପାଇଁ ଗୋଟୋମୁଣ୍ଡା-ଦହିମାଲ ରାସ୍ତା ନିର୍ମାଣ ଲାଗି ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଦୁଇ ଜିଲାର ଜନସାଧାରଣ ଗମନାଗମନ ପାଇଁ ଦହିମାଲ ଓ ଗୋଟୋମୁଣ୍ଡା ମଧ୍ୟରେ ରାସ୍ତା ନିର୍ମାଣ ପାଇଁ ଦୀର୍ଘ ବର୍ଷରୁ ଦୁଇ ଜିଲାର ପ୍ରଶାସନ, ବିଧାୟକ ଓ ମନ୍ତ୍ରୀଙ୍କୁ ଦାବି କରି ଆସୁଥିଲେ। ଦୁଇ ଜିଲାକୁ ସଂଯୋଗ କରୁଥିବା ରାସ୍ତାରେ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ରହିଥିବାରୁ ରାସ୍ତା ନିର୍ମାଣରେ ବାଧକ ସାଜିଥିଲା ଜଙ୍ଗଲ ବିଭାଗର ଅନୁମୋଦନ। ଏ ନେଇ ଅଞ୍ଚଳବାସୀ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ଼ ବିଧାୟକ ମୋଷଧି ବାଗ, ନବରଙ୍ଗପୁର ଜିଲା ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ବାରମ୍ବାର ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ଏହାକୁ ନେଇ ଦୁଇ ଜିଲାର ନେତାମାନେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସରକାର ଅଞ୍ଚଳବାସୀଙ୍କ ଗମନାଗମନକୁ ପ୍ରାଧାନ୍ୟ ଦେଇ ନବରଙ୍ଗପୁର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାସ୍ତା ନିର୍ମାଣ ପାଇଁ ୭ କୋଟି ୫୧ ଲକ୍ଷ ୩୨ ହଜାର ୮୨୧ ଟଙ୍କା ବ୍ୟୟବରାଦରେ କାର୍ଯ୍ୟ ଆରମ୍ଭ ହୋଇଛି। ଗୋଟୋମୁଣ୍ଡାଠାରେ ସ୍ଥାନୀୟ ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାସ୍ତା କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ସରପଞ୍ଚ ଜୟରାମ ନାଗ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମଗଡ଼ ବଳରାମ ପୂଝାରୀ, ବେହେରା ସରପଞ୍ଚ ପ୍ରତିନିଧି ଭବେଶ ଗଇଁତା, ସୁରେଶ ସାହୁ, ପ୍ରଶାନ୍ତ ତିୱାରି, ଈଶ୍ୱର ଅଗ୍ରୱାଲ, ହିମାଞ୍ଚଳ ପୂଝାରୀ, ବିନୋଦ ସିଂଙ୍କ ସମେତ ଅଞ୍ଚଳର ଶତାଧିକ ପୁରୁଷ ମହିଳା ଉପସ୍ଥିତ ରହିଥିଲେ।

### ଜିଲାସ୍ତରୀୟ ଏନ୍‌ଏସ୍‌ଏସ୍ ଯୁବା ସମ୍ବାଦ କାର୍ଯ୍ୟକ୍ରମ

ନୂଆପଡ଼ା, ୧୬।୩(ମକାରୁ ବେମାଲ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ଜିଲାସ୍ତରୀୟ ରାଷ୍ଟ୍ରୀୟ ସେବା ଯୋଜନାର ଯୁବା ସମ୍ବାଦ ସ୍ୱେଚ୍ଛାସେବୀ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମେତ ଜିଲାର ୮ଟି ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ. ତରୁଣ କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ. ଫଣିନ୍ଦ୍ରମ ସିଂ ଦେଓ, ମୁଖ୍ୟବକ୍ତା ଭାବରେ ମେଜର ଡ. ରାମଚନ୍ଦ୍ର ମିଶ୍ର ଯୋଗଦେଇ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନଙ୍କୁ ରାଷ୍ଟ୍ରୀୟ ସେବା ଉପରେ ବିଶଦ ଭାବରେ ବୁଝାଇଥିଲେ। ଏହି ଅବସରରେ ଏନଏସଏସ ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣତି ପଣ୍ଡା, ବୋଡ଼େନ କଲେଜ ଏନ.ଏସ.ଏସ କାର୍ଯ୍ୟକାରୀ ଅଧିକାରୀ ଡ. କିଶୋର କୁମାର କର୍ଣ୍ଣ, ଖଡିଆଳ କଲେଜ ଯୁକ୍ତ ୨ ଭାରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ ପଣ୍ଡା, ଅଞ୍ଚଳର ସ୍ୱେଚ୍ଛାସେବୀ ବିଶ୍ୱଜିତ୍ ପାଢ଼ୀ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣା ଏବଂ ମାର୍ଗଦର୍ଶନରେ ଭାରତ ‘ଆଜାଦି କା ଅମୃତ ମହୋତ୍ସବ’ ସ୍ୱାଧୀନତାର ୭୫ତମ ବର୍ଷ ପାଳନ କରୁଥିବା ବେଳେ ୨୦୪୭ରେ ଆଗାମୀ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବା ପାଇଁ ଭାରତର ସ୍ୱର୍ଣ୍ଣିମ ଇତିହାସ, ଲୋକ କଳା, ସଂସ୍କୃତି ଏବଂ ସଫଳତାର ଗାରିମାମୟ ଉପଲବ୍ଧି କରିବା ହେଉଛି ଯୁବ ସମ୍ବାଦ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଶେଷରେ ପଞ୍ଚ ପ୍ରାଣ ଉପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଛତ୍ରୀଛାତ୍ରଙ୍କୁ ପୁରସ୍କୃତ କରି ସମ୍ମାନିତ କରିଥିଲେ। ନୂଆପଡ଼ା ନ୍ୟାଶନାଲ କଲେଜ ପ୍ରୋଗ୍ରାମର ଗୋପିଗୋପାଲ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

### ସାମ୍ବାଦିକ ସଂଘର ଦାବିପତ୍ର ପ୍ରଦାନ

କଣ୍ଟାବାଞ୍ଜି, ୧୬।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସାମ୍ବାଦିକ ସଂଘ ତରଫରୁ ଶନିବାର ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ବିମଳ କୁମାର ଦାଶଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ରାଜ୍ୟ ସରକାର ସୁବିଧା ସୁଯୋଗ ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ହେଲେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସରକାର କୌଣସି ସୁବିଧା ସୁଯୋଗ ପ୍ରଦାନ କରି ନାହାନ୍ତି ବୋଲି ଏଥିରେ କୁହାଯାଇଛି। ଉତ୍କଳ ପେଶାଦାର ସାମ୍ବାଦିକ ସଂଘ ଆହ୍ୱାନରେ ସାମ୍ବାଦିକ ସଂଘ ତରଫରୁ ତହସିଲଦାରଙ୍କ ଅନୁପସ୍ଥିତିରେ ବରିଷ୍ଠ ସେକ୍ସନ ଅଫିସର ଶ୍ୟାମ ସୁନ୍ଦର ବୁଡେକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ସଂଘର କାର୍ଯ୍ୟକାରୀ ସଭାପତି ଗୁରୁଦୟାଲ ହଂସ, ସଭ୍ୟ ସୁବାଷ ଚନ୍ଦ୍ର ବେହେରା, ଉପସଭାପତି ଅଶୋକ ନାରାୟଣ ଭୋଇ, ଶିବ ଶଙ୍କର ବାଗ, ରାଧେଶ୍ୟାମ ମେହେର, ସମ୍ପାଦକ ଶେଖ ସମିମ, କୃତିକର ବାଗ, ଆଶିଷ ଖାଇତାନ, ରଶ୍ମିରଞ୍ଜନ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଟ୍ ଘଟଣା: ଫେରାର ଅଭିଯୁକ୍ତ ଗିରଫ

ଲୋଇସିଂହା, ୧୬।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ଲୁଟ୍ ଘଟଣାର ଜଣେ ଫେରାର ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଗଲପୁର ବ୍ଲକ ବଡ଼ଟୀକା ପଞ୍ଚାୟତ ବୁରୋଭାଡ଼ି ଗ୍ରାମର ରାଧାକାନ୍ତ ପଧାନ(୨୯)। ଶନିବାର ତାଙ୍କୁ କୋର୍ଟଚାଲାଣ କରିଥିଲା ପୋଲିସ। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନାଧିକାରୀ ଯାଜ୍ଞସିନୀ ନାୟକ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ୨୦୨୨ ମସିହାର ଲୋଇସିଂହା ଥାନା ପଦ୍ମପୁର ରାସ୍ତା କରକଟିଆ ଛକରେ ଲୁଟ୍ ଘଟଣାରେ ରାଧାକାନ୍ତଙ୍କ ସମ୍ପୃକ୍ତି ରହିଥିଲା। ଘଟଣାର ପର ଠୁ ସେ ଫେରାର ହୋଯାଇଥିଲେ। ତାଙ୍କୁ ଅନେକ ଥର ଧରିବାକୁ ଉଦ୍ୟମ କରିଥିଲେ ସୁଦ୍ଧା ପୋଲିସ ବିଫଳ ହୋଇଥିଲା। ରାଧାକାନ୍ତ ଗାଁରେ ଥିବା କୌଣସି ସୂତ୍ରରୁ ପୋଲିସ ସୂଚନା ପାଇ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ ୨୬୧/୨୨) ରହିଛି।

## ଯୌନଶିକ୍ଷା ଉପରେ ସଚେତନତା ଶିବିର

ଟିଟିଲାଗଡ, ୧୬।୩(ଶରତ ମିଶ୍ର)

ବଲାଙ୍ଗୀର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାହେଶ୍ୱରୀ ଆନୁକୂଲ୍ୟରେ ଟିଟଲାଗଡ଼ ବ୍ଲକ ସର୍ଗିଗୁଡ଼ାରେ ଶନିବାର ଯୌନ ଶିକ୍ଷା ଉପରେ ୱାର୍ଡ ୧ ଏବଂ ୨କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ହସ୍ପିଟାଲ କର୍ମଚାରୀ ବିନୋଦ ସାହୁ, ଅଙ୍ଗନୱାଡ଼ି ଓ ଆଶା ମା’ ମାନେ କିଶୋରୀ ଏବଂ ମହିଳାମାନଙ୍କୁ ନିଜ ସ୍ୱଚ୍ଛତାକୁ ନେଇ ସଚେତନ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ଆଗକୁ ଟିଟଲାଗଡ ସହରର ସବୁ ୱାର୍ଡ ଏବଂ ପଞ୍ଚାୟତସ୍ତରରେ କରାଯିବ ବୋଲି ମାହେଶ୍ୱରୀ ସଙ୍ଗଠନ ସଭାପତି ମମତା ସାହୁ ଏବଂ ସଂଯୋଜିକା ରୀମା ବଣ୍ଣଆ ପ୍ରତିଶ୍ରୁତି ଦେଇଛନ୍ତି। ଶିବିରରେ ସଦସ୍ୟ ଗୀତାଞ୍ଜଳି ଦାସ, ପ୍ରେମଙ୍ଗିନି ନାୟକ, ମମତା ନାୟକ, ଅନୁପମା ନାୟକ, ଦିପ୍ତିୱାଲା ଥାପା, ଉଷା ରାଓ, ସନ୍ଧ୍ୟା ସାହୁ, ସ୍ୱର୍ଣ୍ଣସିଲା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

# ରୁପିଆମ-ହଲୁଆପାଲି ରାସ୍ତା କାମ ନିମ୍ନମାନର

ନୂଆପଡ଼ା, ୧୬।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ସୋସେଙ୍ଗ ପଞ୍ଚାୟତ ରୁପିଆମଠାରୁ ସିଆଲଲଟି ପଞ୍ଚାୟତ ହଲୁଆପାଲି ଗାଁ ପର୍ଯ୍ୟନ୍ତ ହେଉଥିବା ରାସ୍ତା କାମ ନିମ୍ନମାନ ବୋଲି ଅଭିଯୋଗ ହେଉଛି। ଆଇଡିଏଫ ପାଣ୍ଠିରୁ ୪ କୋଟି ୮୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରୁପିଆମଠାରୁ ହଲୁଆପାଲି ପର୍ଯ୍ୟନ୍ତ ୪ କିଲୋମିଟର ରାସ୍ତା କାମ ଚାଲିଛି। ସେହି ରାସ୍ତା କାର୍ଯ୍ୟରେ ମୁରୁମ ବଦଳରେ ମାଟି ଦିଆଯାଉଛିନ୍। ମେଟାଲ, ଗେଟି ନିମ୍ନମାନର ଲଗାଯାଉଛି ବୋଲି ଗ୍ରାମବାସୀଙ୍କ ଅଭିଯୋଗ ପରେ ନୂଆପଡା ସ୍ୱାଭିମାନ ମଞ୍ଚ କର୍ମକର୍ତ୍ତା ଯାଇ କାମକୁ ବନ୍ଦ କରି ଦେଇଛନ୍ତ। ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେଲେ ଟେଣ୍ଡର ହୋଇଥାଏ। ୫ କୋଟି ଟଙ୍କାର କାର୍ଯ୍ୟ ବିନା ଟେଣ୍ଡରରେ କିଭଳି ହେଉଛି, କାହା ଇଙ୍ଗିତରେ ଚାଲିଛି। ଟେଣ୍ଡର ନ ହେବା ଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହୋଇଛି ବୋଲି ଏସିଏଫ ସଞ୍ଜିବ ବନଗୋଳାଙ୍କୁ ପ୍ରଶ୍ନ କରିଥିଲେ। ଯେତେ କାମ ହୋଇଛି। ତାକୁ ବାହାର କରି ନୂତନ ଭାବେ କାର୍ଯ୍ୟ କରାଯାଉ ନ ହେଲେ କାର୍ଯ୍ୟକୁ ଆରଡି ବିଭାଗକୁ ଫେରାଇ ଦିଆଯାଉ ନୂତନ ଭାବେ ଟେଣ୍ଡର କରି କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ। ଏସିଏଫ ବନଗୋଲା କାର୍ଯ୍ୟ ସେମିତି ନିମ୍ନମାନର ହୋଇନାହିଁ। ମାତ୍ର ୮୦ ମିଟର ରାସ୍ତା ନିମ୍ନମାନର ହୋଇଛି। ସେହି ସ୍ଥାନର କାମ ହୋଇଥିବା ସବୁ ବାହାର କରି ନୂତନ ଭାବେ କରାଯିବ ବୋଲି କହିଥିଲେ। ଏହି ସମୟରେ ସରୋଜ କୁମାର ସାହୁ, ହରିଶ୍ଚନ୍ଦ୍ର ପଣ୍ଡା, ଭାନୁ ପ୍ରତାପ ସିଂ ମାଝି,ସୁଧିର ମିଶ୍ର, ଜ୍ଞାନେଶ୍ୱର ମାଝି, ଲକ୍ଷ୍ମୀକାନ୍ତ ମାଝି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।


ସ୍ୱାଭିମାନ କର୍ମକର୍ତ୍ତା ରାସ୍ତା କାମ ବନ୍ଦ କରୁଛନ୍ତି।

## ସଂକ୍ଷେପରେ

### ଋଣ ପାଇଁ ଜାଲିଆତି, ୩ ଗିରଫ

**ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ):** କିଶାନ କ୍ରେଡ଼ିଟ୍ କାର୍ଡ଼ ମାଧ୍ୟମରେ ଋଣ ଉଠାଣ ପାଇଁ ଜାଲିଆତି ଉଦ୍ୟମ ଧରାପଡ଼ିଛି। ଏହି ଜାଲିଆତି ଘଟଣାରେ ବରଗଡ଼ ଟାଉନ ଥାନା ପୋଲିସ ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଜିଲା ଭଟଲି ଥାନା ବରପଦର ଗ୍ରାମର ଜ୍ଞାନେନ୍ଦ୍ର ସିଂ(୬୧), ଖରମୁଣ୍ଡା ଗ୍ରାମର ପ୍ରଫୁଲ୍ଲ କୁମ୍ଭାର(୪୧) ଏବଂ ପଣ୍ଡରିତରେଇ ଗ୍ରାମର କାର୍ତ୍ତିକ ବାଗ(୫୦)। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଦଫା ୧୨୦(ବି), ୪୨୦, ୪୬୭, ୪୬୮ରେ ଏକ ମାମଲା (ନଂ.୧୩୩/୨୪) ରୁଜୁ ହୋଇଛି । ପ୍ରକାଶ ଯେ, ଅଭିଯୁକ୍ତ ଜ୍ଞାନେନ୍ଦ୍ର ବେହେରାପାଲି ଗ୍ରାମର ସୌରିଚରଣ ବାରିକଙ୍କ ଜମିକୁ ନେଇ ଜାଲ କାଗଜାତ ପ୍ରସ୍ତୁତ କରି କିଶାନ କ୍ରେଡ଼ିଟ୍ କାର୍ଡ଼ ମାଧ୍ୟମରେ ଋଣ ଉଠାଣ ଉଦ୍ୟମ କରୁଥିଲେ। ଏହା ଜାଣିବା ପରେ ସୌରିଚରଣ ପୋଲିସରେ ଏତଲା ଦେଇଥିଲେ। ପୋଲିସ ଉପରୋକ୍ତ ମାମଲା ରୁଜୁ କରିଥିଲା। ତଦନ୍ତରେ ସେମାନଙ୍କ ସମ୍ପୃକ୍ତ ରହିଥିବା ଜାଣିବା ପରେ ଜ୍ଞାନେନ୍ଦ୍ରଙ୍କ ସମେତ ତାଙ୍କ ୨ ସହଯୋଗୀ ପ୍ରଫୁଲ୍ଲ ଏବଂ କାର୍ତ୍ତିକଙ୍କୁ ପୋଲିସ ଗିରଫ କରିଥିଲେ। ସେମାନଙ୍କ ପାଖରୁ ବିଭିନ୍ନ କାଗଜାତ୍ ଜବତ କରି ପୋଲିସ ଅଧିକ ତଦନ୍ତ କରୁଛି ।

### ଭେଡେନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା

**ଭେଡେନ,୧୬।୩ ସୁଦନ ମହାକୁର):** ରାଜ୍ୟରେ ତାତି ସହ ଗୁଳୁଗୁଳି ଜାରି ରହିଥିବା ବେଳେ ବରଗଡ଼ ଜିଲା ଭେଡେନ ବ୍ଲକରେ ଶନିବାର ସନ୍ଧ୍ୟାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଛି। ଏହାସହ ପ୍ରବଳ ବେଗରେ ପବନ ବହିବା ଯୋଗୁ ଲୋକେ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି। ଅପରପକ୍ଷେ ଖାଲୁଆ ଜମିରେ ବର୍ଷା ପାଣି ଜମି ରହିଥିବାରୁ ଅମଳକ୍ଷମ ପିଆଜ, ରସୁଣ ଏବଂ ପନିପରିବା ଚାଷ ନଷ୍ଟ ହେବା ସମ୍ଭାବନା ରହିଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ମେଘୁଆ ପାଗ ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ମେଘୁଆ ପାଗ ଲାଗି ରହିଲେ ଆମ୍ବ କଷି ନଷ୍ଟ ହେବା ଆଶଙ୍କା ଥିବାରୁ ଆମ୍ବ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

### ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ

ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଆୟୋଜିତ ରାଷ୍ଟ୍ରୀୟ କଳାମଞ୍ଚର ଜିଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ନାଚ, ଗୀତ, ଅଭିନୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଲକ୍ଷ୍ମୀ ନାରାୟଣ ରଥ ମୁଖ୍ୟଅତିଥି, ସରୋଜ ମାଝି ସମ୍ମାନିତ ଅତିଥି, ଓଡ଼ିଶା ରାଷ୍ଟ୍ରୀୟ କଳାମଞ୍ଚର ସଂଯୋଜକ ସଂକେତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଉଦଯାପନୀ ସମାରୋହରେ ସଞ୍ଜିତ ମିଶ୍ର, ଆଶୁତୋଷ ରଥ, ଶ୍ୱେତାଂଶୁ ବରାଇ, ସମ୍ବଲପୁର ସଂଯୋଜକ ଯାଜ୍ଞବର୍ଦ୍ଧନ ତିୱାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଦୟ ସା ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ତେବେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଆସନ୍ତା ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ସୂଚନା ଦିଆଯାଇଛି ।

# ସେବାକାର୍ଯ୍ୟ କରିବାକୁ ଆହ୍ୱାନ

**ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ ।

ବରଗଡ଼ର ବିକାଶ ଡିଗ୍ରୀ କଲେଜ ଦ୍ୱାରା ରାଜ୍ୟ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ) ତଥା କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଯୁବ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ କଣ୍ଟାବାଞ୍ଜି ଡିଗ୍ରୀ କଲେଜର ପ୍ରାଧ୍ୟାପକ ରୋହିତାକ୍ଷ ଯୋଶୀ ମୁଖ୍ୟବକ୍ତାଭାବେ ଯୋଗଦେଇ ପାଞ୍ଚ ପ୍ରାଣ ତଥା ବିକଶିତ ଭାରତ ଇଣ୍ଡିଆ ଆଟ୍ ଦ ରେଟ୍ ୨୦୪୭ ଉପରେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଡିଗ୍ରୀ କଲେଜ ଏବଂ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥିଭାବେ ଯୋଗଦେଇ ଏନ୍‌ଏସ୍‌ଏସ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ସେବା ମନୋବୃତ୍ତି ରଖି କାମ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜୀବନରେ ଲକ୍ଷ୍ୟ ସାଧନ ଦିଗରେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିକାଶ ଡିଗ୍ରୀ କଲେଜର କିରଣ ପାଢ଼ୀ ପ୍ରଥମ, ଶିବରାଜ ବେହେରା ଦ୍ୱିତୀୟ ଏବଂ ଅମିଶା ପଟ୍ଟନାୟକ ତୃତୀୟ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର.ଏସ.ଭି କ୍ରୀଷ୍ଣା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ମୁଖ୍ୟବକ୍ତା ଯୋଶୀ ଏବଂ ଜିଲା ଯୁବ ଅଧିକାରୀ ଟଣ୍ଡନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କୋ ଅର୍ଡ଼ିନେଟର ସୁଦାମ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ଅନିତା ସରକାର ପରିଚୟ ପ୍ରଦାନ କରିଥିବାବେଳେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ରଜତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଗ୍ରାମୀଣ ଆତ୍ମନିଯୁକ୍ତିକୁ ଗୁରୁତ୍ୱ



ଜିଲାସ୍ତରୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟି ବୈଠକ।

**ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କ ନିଯୁକ୍ତିର ଏକ ଡାଟାବେସ୍ ପ୍ରସ୍ତୁତ କରିବା ସହିତ ସେମାନଙ୍କର ସଫଳତାର କାହାଣୀକୁ ବ୍ୟାପକ ପ୍ରଚାର, ପ୍ରସାର କରିବା ଏବଂ ବର୍ତ୍ତମାନ ବଜାର ଆବଶ୍ୟକତା ଅନୁଯାୟୀ ତାଲିମ ବିଷୟବସ୍ତୁ ପ୍ରସ୍ତୁତ କରିବା ପାଇଁ ଅତିରିକ୍ତ ଜିଲାପାଳ ସାହୁ ପରାମର୍ଶ ଦେଇଥିଲେ। ସେହିଭଳି ତାଲିମ ନେବା ପରେ ପ୍ରଶିକ୍ଷାର୍ଥୀମାନଙ୍କୁ ବ୍ୟାଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇବା ଏବଂ ସେମାନଙ୍କୁ ଓଡ଼ିଶା ଜୀବିକା ମିଶନରେ ଯୋଡ଼ିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି କେନ୍ଦ୍ର, ବରଗଡ଼ର ନିର୍ଦ୍ଦେଶିକା ସଂଯୁକ୍ତା ସାହୁ ସୂଚନା ଦେଇଥିଲେ, ଗତବର୍ଷରୁ ଏପର୍ଯ୍ୟନ୍ତ ୭ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆତ୍ମନିଯୁକ୍ତି ତାଲିମ ଦିଆଯାଇ ଥିବାବେଳେ ଚଳିତବର୍ଷ ୭୫୦ଜଣ ବିପିଏଲ ପ୍ରାର୍ଥୀଙ୍କୁ ୨୬ବିଷୟବସ୍ତୁ ଉପରେ ଆତ୍ମନିଯୁକ୍ତି ତାଲିମ ଦେବାର ଲକ୍ଷ୍ୟ ରହିଛି। ବୈଠକରେ ଜିଲାସ୍ତରୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟିର ସଦସ୍ୟଙ୍କ ସମେତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର କର୍ମଚାରୀ ଉପସ୍ଥିତ ଥିଲେ ।

# ବରପାଲିରେ ହନୁମାନ ଚାଳିଶା ପାଠୋତ୍ସବ

**ବରପାଲି,୧୬।୩(ଚିତ୍ତରଞ୍ଜନ ସାହୁ)**



ବରଗଡ ଜିଲା ବରପାଲି ମଧପଡା ହନୁମାନ ମନ୍ଦିରରେ ଶନିବାର ହନୁମାନ ଚାଳିଶା ପାଠୋତ୍ସବ କମିଟି ପକ୍ଷରୁ ତ୍ରୟୋଦଶ ବାର୍ଷିକ ହନୁମାନ ଚାଳିଶା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବେ ସୁଧାଂଶୁ ଦାସ ଓ ବୀରବର ଦାସ ରହିଥିବା ବେଳେ ବ୍ୟାସ ଭାବେ ବରପାଲି ଦୁର୍ଗା ମନ୍ଦିରର ପୂଜକ ସୁବଳ ମିଶ୍ର ଦାୟିତ୍ୱ ବହନ କରିଥିଲେ। କମିଟିର ଗୁପ୍ତେଶର ମେହେର, ପ୍ରେମନାଥ ଦର୍ଜୀ, ରମେଶ ସାହୁ, ମୁକୁନ୍ଦ ମେହେର, ନନ୍ଦଲାଲ ରାଉତ, ଧ୍ରୁବଚରଣ ମେହେର, ଅମ୍ବିକା ମେହେର, ପ୍ରଦୀପ ମହାରଣା, ଶ୍ରୀରାମ ପଧାନ, କୃଷ୍ଣ ନାୟକ, ଚୈତନ୍ୟ ବାଗ, ତାରାଚାନ୍ଦ ମେହେର, ହରିହର ମେହେର, ସୂର୍ଯ୍ୟ ଦର୍ଜୀ ପ୍ରମୁଖ ସହଯୋଗ କରିଥିଲେ। ସୀତାରାମ ମହିଳା ସଂକୀର୍ତ୍ତନ ମଣ୍ଡଳୀର ମହିଳାମାନେ ସଂକୀର୍ତ୍ତନ କରିଥିବା ବେଳେ ବାଦ୍ୟଯନ୍ତ୍ରରେ ସୁରେନ୍ଦ୍ର ଭୋଇ, ମଙ୍ଗନ ମେହେର, ଲଳିତ ଭୋଇ, ସାଜିସ ମାହାଣା, ଚକାନନ ପୃଷ୍ଟି, ଛତୁ ମେହେର, କୃଷ୍ଣଚନ୍ଦ୍ର ରାଉତ ସହଯୋଗ କରିଥିଲେ।

### ଅତିରିକ୍ତ ଜିଲାପାଳଙ୍କୁ ୮ଦଫା ଦାବିପତ୍ର ପ୍ରଦାନ

**ପଦ୍ମପୁର,୧୬।୩ (ପ୍ରଦୀପ୍ତ ଦାଶ)**

ନିବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ବର୍ଗଙ୍କ ପାରିଶ୍ରମିକ, ଭତ୍ତା ବୃଦ୍ଧି କରିଥିବା ବେଳେ ଖବରଦାତାମାନଙ୍କ ସାମାଜିକ, ଅର୍ଥନୈତିକ ଉନ୍ନତି ପାଇଁ ଏଯାଏ କୌଣସି ପଦକ୍ଷେପ ନେଇନାହାନ୍ତି। ଏହାର ପ୍ରତିବାଦ କରି ଶନିବାର ପଦ୍ମପୁର ବ୍ଲକର ଖବରଦାତାମାନେ ମୁଖ୍ୟମନ୍ତ୍ରୀ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କୁ ୮ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ କାର୍ଯ୍ୟରତ ଖବରଦାତାଙ୍କ ଦାବି ପୂରଣ ଦିଗରେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ ପ୍ରଶାସନ ତଥା ସରକାରଙ୍କୁ ଅସହଯୋଗ କରାଯିବ ବୋଲି ସଂଘ ସଭାପତି ରତ୍ନମଣି ଶତପଥୀ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଖବରଦାତା ଲାଲ ବିହାରୀ ମିଶ୍ର, ରମେଶ ବାରିକ, ବିଷ୍ଣୁ ପ୍ରସାଦ ବାଜପେୟୀ, ପ୍ରଦୀପ୍ତ କିଶୋର ଦାଶ, କିରଟି ସାହୁ, ସୁଦାମ ପ୍ରଧାନ, ଡିଲେଶ୍ୱର ବାଗ, ଅଶ୍ୱିନୀ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ ।

### ପ୍ରସନ୍ନଙ୍କ ଆରୋଗ୍ୟ କାମନା

**ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ)**

ବିଜେଡ଼ି ରାଜ୍ୟ ଉପସଭାପତି ତଥା ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଗୁରୁବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି। ବିଭିନ୍ନ ମହଲରେ ଆଚାର୍ଯ୍ୟଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ଶୁକ୍ରବାର ସମ୍ବଲପୁରର ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଥିବାବେଳେ କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣାଙ୍କ ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ଆରୋଗ୍ୟ କାମନା କରିଥିଲେ। ସେହିପରି ଶନିବାର ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ଆଚାର୍ଯ୍ୟଙ୍କୁ ଜନ କଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ମୁକୁନ୍ଦ ଦାଶ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଟାୱାର ବ୍ୟାଟେରି ଚୋରି, ୩ ଗିରଫ



ପୋଲିସ ଜବତ କରିଥିବା କାର୍ ଓ ଟାୱାର ବ୍ୟାଟେରି।

**ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ)**

ମୋବାଇଲ ଟାୱାରରୁ ଚୋରି ଅଭିଯୋଗରେ ବରଗଡ଼ ଟାଉନ ଥାନା ପୋଲିସ ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ଉର୍ଦ୍ଦୁନା ଗ୍ରାମର ଡୋଲାମଣି ସାହୁ(୨୯), ମନୋରଞ୍ଜନ ସାହୁ(୩୨) ଏବଂ ସରୋଜ ସାହୁ(୩୦)। ସେମାନଙ୍କ ପାଖରୁ ମୋବାଇଲ ଟାୱାରରେ ବ୍ୟବହୃତ ୧୬ବ୍ୟାଟେରୀ, କଟର୍ ମେଶିନ, ପ୍ଲାସ, ସ୍କ୍ରୁ ଡ୍ରାଇଭର, ଗୋଟିଏ କାର୍ ନଂ. ଓଡ଼ି୦୫ବି୪୫୦୭ ଏବଂ ୪ମୋବାଇଲ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଡୋଲାମଣି ଏକ ଟାୱାର କମ୍ପାନୀରେ କାମ କରୁଥିବାବେଳେ ସରୋଜ ଉର୍ଦ୍ଦୁନା ଗ୍ରାମରେ ଏକ ଗ୍ୟାରେଜ କରିଛନ୍ତି ଏବଂ ଭଟଲିରେ ମନୋରଞ୍ଜନଙ୍କ ଏକ ଫ୍ୟାନ୍ସି ଷ୍ଟୋର ଥିବା ପୋଲିସ କହିଛି। ମନୋରଞ୍ଜନ ୩ବର୍ଷତଳେ ଏକ ମୋବାଇଲ କାମ କରୁଥିଲେ ବୋଲି ମଧ୍ୟ ପୋଲିସ ସୂଚନା ଦେଇଛି । ଏ ନେଇ ବରଗଡ଼ ଟାଉନ ଥାନାରେ ଦଫା ୩୭୯, ୪୧୧, ୪୮୨, ୩୪ରେ ଏକ ମାମଲା (ନଂ.୧୬୯/୨୪) ରୁଜୁ ହୋଇଛି। ପୋଲିସ ଏହି ମାମଲାର ଅଧିକ ତଦନ୍ତ କରୁଛି।

# ଧାରଣାସ୍ଥଳରେ ପହଞ୍ଚିଲେ ଏଡିଏମ୍



ଚିନିକଲ କର୍ମଚାରୀଙ୍କ ସହିତ ଏଡ଼ିଏମଙ୍କ ଆଲୋଚନା ।

**ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସମବାୟ ଚିନିକଲ କର୍ମଚାରୀ ସଂଘ ପକ୍ଷରୁ ବକେୟା ଦରମା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତମାସ ୭ତାରିଖରୁ ଧାରଣାରେ ବସିଛନ୍ତି। ତେବେ ଧାରଣାକୁ ମାସାଧିକ କାଳ ବିତିଯାଇଥିବାବେଳେ କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ସୁଦ୍ଧା ସେମାନଙ୍କ ପାଖକୁ ଆସୁ ନ ଥିଲେ। ତେବେ ଚିନିକଲ ଜମି ଇଡ୍‌କୋକୁ ହସ୍ତାନ୍ତର ହେବା ପରେ ଶନିବାର ଅତିରିକ୍ତ ଜିଲାପାଳ(ଏଡ଼ିଏମ) ମଧୁଛନ୍ଦା ସାହୁ ଧାରଣାରତ କର୍ମଚାରୀଙ୍କ ପାଖକୁ ଆଲୋଚନା ପାଇଁ ଆସିଥିଲେ। କର୍ମଚାରୀଙ୍କ ସହିତ ଆଲୋଚନା କରି ବକେୟା ପ୍ରାପ୍ୟ ପାଇଁ ଟଙ୍କା ଆସି ଯାଇଛି ଏବଂ ଧାରଣାରୁ ଉଠିବା ପାଇଁ ସେ କର୍ମଚାରୀଙ୍କୁ କହିଥିଲେ। ତେବେ ସେମାନଙ୍କ ଆକାଉଣ୍ଟରେ ଦରମା ନ ପଡ଼ିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଚିନିକଲ କର୍ମଚାରୀମାନେ ଅଡ଼ି ବସିଛନ୍ତି । ପ୍ରକାଶଥାଉକି, ଚିନିକଲରେ କାର୍ଯ୍ୟ କରିଥିବା ପ୍ରାୟ ୩୫୦ କର୍ମଚାରୀଙ୍କ ୭୪ମାସର ଦରମା ବକେୟା ପଡ଼ିଥିବାବେଳେ ଚିନିକଲକୁ ବନ୍ଦ କରି ଜମିକୁ ଇଡ଼କୋକୁ ହସ୍ତାନ୍ତର କରାଯାଇଛି। ତେବେ ଦରମା ବାବଦକୁ ୩୫କୋଟି ୩୮ଲକ୍ଷ ଟଙ୍କା ବକେୟା ରହିଥିବା କର୍ମଚାରୀ ସଂଘ ପକ୍ଷରୁ କୁହାଯାଉଛି। ଅନ୍ୟପଟେ ଚିନିକଲର ୭୨ଏକର ୧୨ଡେସିମିଲ ଜମିକୁ ଇଡ଼କୋ ୪୦କୋଟି ୬୮ଲକ୍ଷ ଟଙ୍କାରେ ନେଇଥିବା ଏବଂ ଏହି ଟଙ୍କାରୁ କର୍ମଚାରୀଙ୍କ ବକେୟା ଦରମା ଦିଆଯିବ ବୋଲି ସୂଚନା ମିଳିଛି ।

# ସ୍କିଲିଂ ଇଣ୍ଡିଆ ଅଭିଯାନରେ ଶିକ୍ଷାଦାନ


ସ୍କିଲିଂ ଇଣ୍ଡିଆ ଅଭିଯାନରେ ଶିକ୍ଷା ଗ୍ରହଣ କରୁଛନ୍ତି ।

**ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ମୂରଲୀ କ୍ରୀଷ୍ଣା ଫାଉଣ୍ଡେଶନ ପ୍ରାୟୋଜିତ ଭାରତ ସରକାରଙ୍କ ସ୍କିଲିଂ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ଭ୍ରାମ୍ୟମାଣ ସ୍କିଲିଂ ଇଣ୍ଡିଆ ବସ୍ ମାଧ୍ୟମରେ ଜିଲାର ବିଭିନ୍ନ ଗ୍ରାମର ମହିଳା, ପୁରୁଷଙ୍କ ମଧ୍ୟରେ ଦକ୍ଷତା ବିକାଶ ସୃଷ୍ଟି କରାଯାଉଛି । ଭେଡ଼େନ ବ୍ଲକ ଅନ୍ତର୍ଗତ ପ୍ରଧାନପାଲି ଗ୍ରାମରେ ୨୪ଜଣ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ କମ୍ପ୍ୟୁଟର ଏବଂ ୟୁପିଆଇ ସମ୍ବନ୍ଧୀୟ ସାଧାରଣ ଶିକ୍ଷା ପ୍ରଦାନ କରାଯାଇଥିଲା। ସେହିପରି ବରଗଡ଼ ବ୍ଲକ ଅନ୍ତର୍ଗତ ଡାଙ୍ଗ ନଦୀପଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୫ଜଣ ଅଂଶଗ୍ରହଣ କରିଥିଲେ। ଏହି ଅଭିଯାନ ଦ୍ୱାରା ଲୋକେ କମ୍ପ୍ୟୁଟର ଏବଂ ୟୁପିଆଇ ସମ୍ବନ୍ଧୀୟ ସାଧାରଣ ଶିକ୍ଷା ପାଇ ପାରୁଛନ୍ତି ଏବଂ ତାହା ସେମାନଙ୍କ ଜୀବନଯାତ୍ରାରେ ବେଶ ସହାୟକ ହେବ ବୋଲି ମୂରଲୀ କ୍ରୀଷ୍ଣା ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।

# ଶିକ୍ଷା ଅଧିକାର ଆଇନ ସଚେତନତା

**ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ଦେଓଗାଁ ଚଣ୍ଡିପାଲି କଲ୍ୟାଣ ମଣ୍ଡପରେ ଶିକ୍ଷା ଅଧିକାରକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକର ୧୦ଗ୍ରାମରୁ ୩୪ଅଭିଭାବକ ନିଜ ପିଲାଙ୍କ ସହିତ ଯୋଗଦାନ କରିଥିଲେ। ଶିକ୍ଷା ଅଧିକାର ଆଇନକୁ ଅଭିଭାବକଙ୍କୁ ଅବଗତ କରାଇବା ଏବଂ ଏଥିରେ ଅଭିଭାବକଙ୍କ ଦାୟିତ୍ୱ ପ୍ରତି ସଚେତନତା ସୃଷ୍ଟି କରିବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପତଙ୍ଗ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କର୍ମଶାଳାରେ ଶିକ୍ଷା ଅଧିକାର ଆଇନ ଏବଂ ଅଭିଭାବକଙ୍କ ଭୂମିକା ଉପରେ ଅନୁଷ୍ଠାନର ପ୍ରତିନିଧିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନେକ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ।


କର୍ମଶାଳାରେ ଯୋଗଦେଇଥିବା ଅଭିଭାବକବୃନ୍ଦ ।

# ଶ୍ରମ ଦାନକରି ରାସ୍ତା ମରାମତି, ଦେଲେ ଭୋଟ ବର୍ଜନ ଚେତାବନୀ

**ସରଣ୍ଡା,୧୬।୩(ଯୁଧିଷ୍ଠିର ମହାପାତ୍ର )**



ଗାଁକୁ ଭଲ ରାସ୍ତାଟିଏ ନ ଥିବାରୁ ଅସୁବିଧା ଭୋଗୁଥିଲେ ଗ୍ରାମବାସୀ। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ଶନିବାର ନିଜେ ଶ୍ରମଦାନ କରି ଗ୍ରାମବାସୀ ରାସ୍ତା ନିର୍ମାଣ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବରଗଡ ଜିଲା ଅତାବିରା ବ୍ଲକ ଲହଣ୍ଡା ପଞ୍ଚାୟତର ନିଲେଇପାଲି ଗ୍ରାମରେ। ସେଥିପାଇଁ ଗ୍ରାମବାସୀମାନେ ୨୦୨୪ ସାଧାରଣ ନିର୍ବାଚନ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ରାସ୍ତା ନିର୍ମାଣ କାମରେ ତ୍ରିବିକ୍ରମ ଭୋଇ, ପରମେଶ୍ୱର ଭୋଇ, ବିଦ୍ୟାଧର ପ୍ରଧାନ, ଧନଞ୍ଜୟ ଭୋଇ, ଦାସ ସାହୁ, ସାଧୁ ଭୁଏ, ଯୋଗେଶ୍ୱର ଭୋଇ, ମେଘନାଦ ଭୋଇ, ଆର୍ତ୍ତତ୍ରାଣ ପ୍ରଧାନ, ହୃଦାନନ୍ଦ ଭୋଇ, ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ଚାଷୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ହଜିଥିବା ମୋବାଇଲରୁ ଆସିଥିଲା ଫୋନ୍ କଲ୍

**ପରିବା ବ୍ୟବସାୟୀ ଅପହରଣ ଓ ହତ୍ୟା ମାମଲା**

**ରାଉରକେଲା, ୧୬।୩(ସଙ୍ଗୀତା ଜେନା):** ଗତ ଫେବୃଆରୀ ୨୮ରେ ଝିରପାଣି ହାଟକୁ ଆସି ନୂଆଗାଁ ଅଞ୍ଚଳର ପରିବା ବ୍ୟବସାୟୀ ତଥା ପିକ୍‌ଅପ୍ ଭ୍ୟାନ୍ ଚାଳକ ମଙ୍ଗଳ ଓରାମ(୪୪)ନିଖୋଜ ହୋଇଯାଇଥିଲେ। ଏ ନେଇ ମଙ୍ଗଳଙ୍କ ସ୍ତ୍ରୀ ଝିରପାଣି ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ମାର୍ଚ୍ଚ ୯ ତାରିଖରେ ଝାଡ଼ଖଣ୍ଡସ୍ଥିତ ଜଳଡେଗା ଫାଣ୍ଡି ଅଞ୍ଚଳର ଏକ ନାଳରୁ ତାଙ୍କ ମୃତଦେହ ଉଦ୍ଧାର କରି ପରିଚୟ ନ ମିଳିବାରୁ ସ୍ଥାନୀୟ ପୋଲିସ ମାଟିରେ ପୋତି ଦେଇଥିଲା। ତଦନ୍ତରେ ମଙ୍ଗଳଙ୍କ ମୃତଦେହ ଝାଡ଼ଖଣ୍ଡରେ ଥିବା ଜାଣିବା ପରେ ଝିରପାଣି ପୋଲିସ ମୃତଦେହ ଆଣି ନିଖୋଜ ମାମଲାକୁ ଅପହରଣ ତଥା ହତ୍ୟା ମାମଲାରେ ପରିବର୍ତ୍ତିତ କରିଥିଲା। ଏହି ମାମଲାକୁ ୧୭ଦିନ ବିତିଯାଇଥିବା ବେଳେ ପୋଲିସ ତଦନ୍ତରେ ନୂତନ ତଥ୍ୟ ସାମ୍ନାକୁ ଆସିଛି। ମଙ୍ଗଳ ଝିରପାଣି ହାଟରେ ଅନ୍ୟ ପରିବା ବ୍ୟବସାୟୀଙ୍କୁ ଛାଡିବା ପରେ ତାଙ୍କ ମୋବାଇଲକୁ ଏକ କଲ୍ ଆସିଥିଲା ବୋଲି ମୋବାଇଲ ସିଡ଼ିଆର୍ ରିପୋର୍ଟରୁ ପୋଲିସ ଜାଣିବାକୁ ପାଇଛି। ପୋଲିସ ତଦନ୍ତ ଜାରି ରଖିଛି। ମଙ୍ଗଲୁ ଅପହରଣ ଓ ହତ୍ୟା ମାମଲାରେ ଏକ ର୍‍ୟାକେଟ୍ ସକ୍ରିୟ ଥିବା ଅନୁମାନ କରାଯାଉଛି। ତେବେ ତଦନ୍ତ ପ୍ରକ୍ରିୟା ଜଟିଳ ହୋଇଚାଲିଛି ବୋଲି ଡିଏସ୍‌ପି ପୁଷ୍ପାରାଣୀ ନିନ୍‌ଗୀ କହିଛନ୍ତି।

### ବିବାହ ପ୍ରତିଶ୍ରୁତି ଦେଇ ୪୫ ହଜାର ଠକେଇ

**ରାଉରକେଲା, ୧୬।୩(ସଙ୍ଗୀତା ଜେନା):** ଛେଣ୍ଡ ଥାନା ଅଞ୍ଚଳରେ ଜଣେ ବିବାହିତ ଯୁବକ ଅନ୍ୟ ଜଣେ ଅବିବାହିତା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୪୫ ହଜାର ଟଙ୍କା ଠକି ନେଇଛନ୍ତି। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି। ଖବର ଲେଖାହେବା ସୁଦ୍ଧା (ରାତି ସାଢେ ୮ଟା) କୌଣସି ମାମଲା ରୁଜୁ ହୋଇନାହିଁ।

### ବିଜେଡିର ନୂଆ କମିଟି ଗଠନ

**ବନ୍ଧମୁଣ୍ଡା, ୧୪।୩ (ସୁବ୍ରତ ଦେ):** ଓଡ଼ିଶା ବିଧାନସଭା ତଥା ଲୋକସଭା ନିର୍ବାଚନ ପୂର୍ବରୁ ବିଜେଡି ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ନୂଆ କମିଟି ଗଠନ କରିଛି। ଏହି କ୍ରମରେ ସୁନ୍ଦରଗଡ ଜିଲାର ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ନୂଆ କମିଟି ଘୋଷଣା ହୋଇଛି। ଏହି ନୂତନ କମିଟିରେ ସୋମନାଥ ରାହାଙ୍କୁ ଅଧକ୍ଷ, ଶଙ୍କର ତିର୍କି, କୌଶିକ ବିଶ୍ୱାସ, ହିମାଂଶୁ ତ୍ରିପାଠୀ, ନମଲିନ ସୁରିନ, ଯୋଗେଶ୍ୱର ରାଉତ, ସାନ୍ତୋଶ ସିଂଙ୍କୁ ଉପାଧକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେହିପରି ସନ୍ଦୀପ ଡାଙ୍ଗ, ଆଶ୍ରିତ ଏକ୍କା, ଦୀପିକା କାଣ୍ଡୁଲନା, ନିରଞ୍ଜନ ମାହାତୋ, ସଞ୍ଜୟ ଲୁଗୁନ, ଦୀନେଶ ଗଞ୍ଜୁ, ଅଭିନାଶ କୁଜୁରଙ୍କୁ ସଚିବ, ଭରତ ମାହାତୋ ନୁଆଗାଉଁ ବ୍ଲକ ସଭାପତି, ଆଲୋକ ଶୁକ୍ଳାଙ୍କୁ ବିଶ୍ରା ବ୍ଲକର କାର୍ଯ୍ୟନିର୍ବାହୀ ସଭାପତି ଏବଂ ଚନ୍ଦ୍ରଦ୍ୱୀପ ମହାତୋଙ୍କୁ ବିଶ୍ରା ବ୍ଲକର ସୋସିଆଲ ମିଡିଆରେ ପ୍ରଭାରୀ ଭାବେ ନିଯୁକ୍ତି ଦାୟିତ୍ୱ ଦିଆଯାଇଅଛି। ନୂତନ କମିଟି ଘୋଷଣା ପରେ ସମସ୍ତ ପଦାଧିକାରୀ ଏବଂ ସେମାନଙ୍କ ସମର୍ଥକଙ୍କ ମଧରେ ବହୁତ ଉତ୍ସାହ ଦେଖିବାକୁ ମିଳିଛି। ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ନୂତନ ଯୁବ ସଭାପତି ସୋମନାଥ ରାହା କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଲୋକଙ୍କ ସୁବିଧା ପାଇଁ ସବୁ ପ୍ରକାର ସାମାଜିକ କାର୍ଯ୍ୟ କରିବେ। ଏଥିସହ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଶ୍ରମ ମନ୍ତ୍ରୀ ଶରଦା ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବଡ଼ଗାଁ ଅଞ୍ଚଳରେ ଛେଳି ଚୋରି ବଢୁଛି

**ବଡ଼ଗାଁ, ୧୬।୩ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଗତ କିଛି ମାସ ହେଲା ଚୋରମାନେ ଛେଳି ଚୋରି କରି ନେଉଥିବା ଅଭିଯୋଗ ହୋଇଛି। ଗତ ୨ ମାସ ମଧ୍ୟରେ ୩ ଟି ସ୍ଥାନରୁ ଛେଳି ଚୋରି ହୋଇଥିଲାବେଳେ ଶୁକ୍ରବାର ରାତି ୧୨ ଟାରେ ଗରଗଡବାହାଲ ଗ୍ରାମର ଛଟେ ଧାନଙ୍କ ଗୁହାଳରୁ ୨ଟି ଛେଳି ଚୋରି ହୋଇଛି। ଚୋରମାନେ ଧଳା ରଙ୍ଗର କାରରେ ଆସି ଛେଳି ଚୋରି କରି ଦ୍ରୁତ ଗତିରେ ଉଦାରମା ଗାଁ ପଟକୁ ଚାଲି ଯାଇଥିବା ଧାନଙ୍କ ଝିଅ ଯମୁନା ଦେଖିଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ଟିକସ ଗଣୁଛନ୍ତି, ସୁବିଧା ମିଳୁନି

**ରାଉରକେଲା, ୧୬।୩(ଦିନେଶ ମିଶ୍ର)**

ରାଉରକେଲା ସହରରେ ବ୍ୟବସାୟୀଙ୍କଠାରୁ ଯେଉଁ ପରିମାଣରେ ଟିକସ ଆଦାୟ ହେଉଛି ସେହି ଅନୁସାରେ ମୌଳିକ ସୁବିଧା ସୁଯୋଗ ମିଳୁନି । ଫଳରେ ବ୍ୟବସାୟୀମାନେ ବାଧ୍ୟହୋଇ ରାସ୍ତାକଡ଼ରେ ବସି ବ୍ୟବସାୟ କରୁଛନ୍ତି। ଏଭଳି ଦୃଶ୍ୟ ପାନପୋଷ ସ୍ଥିତ ଶୁକ୍ରବାର ହାଟ ଓ କଳିଙ୍ଗ ବିହାର ରାସ୍ତାକଡ଼ରେ ଦେଖିବାକୁ ମିଳିଛି।

ପାନପୋଷ ଓ କଳିଙ୍ଗ ବିହାର ଅଞ୍ଚଳ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଅଧୀନରେ ଯାଉଛି। ଏହି ଅଞ୍ଚଳରେ ସପ୍ତାହର ଶୁକ୍ରବାର ଦିନ ହାଟ ବସିଥାଏ। ଏହି ହାଟକୁ ରାଉରକେଲା ସମେତ ଏହି ହାଟକୁ ନୂଆଗାଁ, ବିଶ୍ରା, ବିରକେରା, ଭାଲୁଲତା, ସୋନୁଆ, ବୀରମିତ୍ରପୁର, ଜଳଦା ଅଞ୍ଚଳର ଚାଷୀମାନେ ନିଜ ଉତ୍ପାଦିତ ପରିବା ଆଣି ବିକ୍ରି କରିଥାନ୍ତି। ହାଟକୁ ଆସୁଥିବା ବିଭିନ୍ନ ବ୍ୟବସାୟୀମାନଙ୍କଠାରୁ ଆରଏମ୍‌ସି ୧୦ରୁ ୩୦ ଟଙ୍କା ପର୍ଯ୍ୟନ୍ତ ଟିକସ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଆରଏମ୍‌ସି କର୍ତ୍ତୃପକ୍ଷ ସେମାନଙ୍କ ପାଇଁ କୌଣସି ପିଣ୍ଡି କି ବିଦ୍ୟୁତ୍ ବ୍ୟବସ୍ଥା କରିନାହାନ୍ତି। ଏହି ବ୍ୟବସାୟୀମାନେ ଖୋଲା ଆକାଶ ତଳେ ରାସ୍ତାକଡରେ ବସି ବ୍ୟବସାୟ କରିଥାନ୍ତି। ରାସ୍ତାକଡରେ ପରିବା ହାଟ ଯୋଗୁ ଉକ୍ତ ରାସ୍ତାରେ ବିଭିନ୍ନ ସମୟରେ ପରିବା କିଣିବାକୁ ଆସୁଥିବା



ପାନପୋଷ ଅଞ୍ଚଳର ରାସ୍ତାକଡ଼ରେ ଚାଷୀମାନେ ପରିବା ବିକ୍ରି କରୁଛନ୍ତି।

**ରାସ୍ତାକଡ଼ରେ ପରିବା ହାଟ, ଟ୍ରାଫିକ୍ ଜାମ୍**

ଗ୍ରାହକମାନଙ୍କ ଗାଡି ପାର୍କିଂ ହୋଇଥାଏ। ଫଳରେ ରାସ୍ତା ସଙ୍କୁଚିତ ହେବା ସାଙ୍ଗକୁ ଯାତାୟାତରେ ବାଧା ସୃଷ୍ଟି ହୋଇଥାଏ। ସେହିପରି ପରିବା ହାଟ ଯୋଗୁ ସ୍ଥାୟୀ ଦୋକାନୀମାନେ ହଇରାଣ ହେଉଛନ୍ତି। ଏଠାକାର ସ୍ଥାୟୀ ବ୍ୟବସାୟୀଙ୍କ ଦୋକାନ ସମ୍ମୁଖରେ ପରିବା ବ୍ୟବସାୟୀମାନେ ବସି ଉକ୍ତ ଦୋକାନ ପଥକୁ ଅବରୋଧ କରୁଥିବା ଅଭିଯୋଗ ହୋଇଛି। ହାଟକୁ ଆସୁଥିବା ଚାଷୀମାନଙ୍କ ପାଇଁ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇନାହିଁ। ଫଳରେ ସେମାନେ ରାଉରକେଲାରୁ ବୀରମିତ୍ରପୁରକୁ ସଂଯୋଗ କରୁଥିବା ରେଳ ଧାରଣା ଉପରେ ଶୌଚ ହେଉଛନ୍ତି। ଆରଏମ୍‌ସି ଏହି ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଟିକସ ଆଦାୟ କରୁଥିଲେ ମଧ୍ୟ ସେମାନଙ୍କ ପାଇଁ ପାନୀୟଜଳ, ବିଜୁଳି, ଶୌଚାଳୟ ଓ କୌଣସି ପିଣ୍ଡି ବ୍ୟବସ୍ଥା କରିନାହିଁ। ଫଳରେ ଖରା, ବର୍ଷା, ଶୀତରେ ବସି ଏହି ବ୍ୟବସାୟୀମାନେ ବ୍ୟବସାୟ କରି ଆରଏମ୍‌ସିକୁ ଟିକସ ଗଣୁଥିବା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷେ ଆରଏମ୍‌ସି ପକ୍ଷରୁ ଶୁକ୍ରବାର ହାଟ ନିକଟରେ ଆଜିକୁ ୧୦ ବର୍ଷ ତଳେ ୫୦ ଜଣ ବ୍ୟବସାୟୀଙ୍କ ପାଇଁ ପିଣ୍ଡିର ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଉକ୍ତ ପିଣ୍ଡି ଉପରେ ସ୍ଥାନୀୟ ଲୋକେ ନିଜର ଲୁଗାପଟା ଶୁଖାଇବା ସାଙ୍ଗକୁ ଓ ଘରୋଇ ଉପକରଣ ଇଟା, ବାଲି, ଗୋଡି ପକାଇ କବ୍‌ଜା କରି ରଖିଛନ୍ତି। ଏହି ପିଣ୍ଡିକୁ ପୁନରୁଦ୍ଧାର କରିବା ପାଇଁ ବ୍ୟବସାୟୀମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା ବ୍ୟବସାୟୀ ମଙ୍ଗଲୁ କିଷାନ କହିଛନ୍ତି। ଏଥିପ୍ରତି ଆରଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟିଦେବା ଲାଗି ଦାବି ହେଉଛି। ଏ ନେଇ ଆରଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ପାନପୋଷ ଶୁକ୍ରବାର ହାଟରେ ଅବ୍ୟବସ୍ଥା ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଆଗାମୀ ଦିନରେ ଆମେ ଏନଫୋର୍ସମେଣ୍ଟ ଟିମ୍ ପଠାଇ ଉକ୍ତ ଅଞ୍ଚଳର ରାସ୍ତାକଡ଼ରେ ବସୁଥିବା ବ୍ୟବସାୟୀଙ୍କ ସମସ୍ୟା ବିଷୟରେ ବୁଝିବା ପରେ ତୁରନ୍ତ ପଦକ୍ଷେପ ନେବୁ ବୋଲି ନାୟକ କହିଥିଲେ।

## ମ୍ୟୁନିସିପାଲ କଲେଜରେ ଯୁବ ସମ୍ବାଦ ଭାରତ କାର୍ଯ୍ୟକ୍ରମ

**ରାଉରକେଲା, ୧୬।୩(ଦିନେଶ ମିଶ୍ର)**

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ପରିସରରେ ଶନିବାର ଯୁବ ସମ୍ବାଦ ଭାରତ କାର୍ଯ୍ୟକ୍ରମ ଭାରପ୍ରାପ୍ତ ଅଧକ୍ଷା ବିଜୟଲକ୍ଷ୍ମୀ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ପ୍ରଭାତ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚପ୍ରାଣର ମହତ୍ୱ ଓ ବିକଶିତ ଭାରତ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ମମତା ଚାନ୍ଦ ଓ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା ମହାଶ୍ୱେତା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଚନ୍ଦ୍ରଲେଖା ପଣ୍ଡା ପଞ୍ଚପ୍ରାଣର ଶପଥପାଠ କରାଇଥିଲେ। ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଅଧିକାରୀ ଅଧ୍ୟାପିକା ଡ. ଦିବ୍ୟକାନ୍ତି ବିଲୁଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବରୁ ପଞ୍ଚପ୍ରାଣ ଉପରେ ବିତର୍କ ଓ କୁଇଜ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ବିଚାରକ ଭାବେ ଅଧ୍ୟାପିକା ମହାଶ୍ୱେତା ମହାପାତ୍ର, ନିତୁ ସେଠ, ଦୀପ୍ତି ସୋରେନ ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ। ଶେଷରେ ଉକ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗଣିତ ବିଭାଗ ଅଧ୍ୟାପିକା ସଂଯୁକ୍ତା ବେହେରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପକ ଆକାଶ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ଅତିଥିମାନଙ୍କ ଗହଣରେ ମାନବିକତା ପରିବାରର ସଦସ୍ୟଗଣ। (ଫଟୋ: ବିବେକ)

## ବୟୋଜ୍ୟେଷ୍ଠଙ୍କ ପରାମର୍ଶ ସମାଜ ପାଇଁ ଶୁଭଙ୍କର

**ରାଉରକେଲା, ୧୬।୩(ବିପ୍ଳବ ରଞ୍ଜନ ଦାଶ)**

**ମାନବିକତା ପରିବାରର ଭୂମିଷ୍ଠ ପ୍ରଣାମ କାର୍ଯ୍ୟକ୍ରମ**

ରାଉରକେଲା ମାନବିକତା ପରିବାର ପକ୍ଷରୁ ଭଞ୍ଜଭବନ ପ୍ରେକ୍ଷାଳୟଠାରେ ଶୁକ୍ରବାର ବରିଷ୍ଠ ନାଗରିକମାନଙ୍କୁ ନେଇ ଭୂମିଷ୍ଠ ପ୍ରଣାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥପାଲୀ ନିର୍ବାଚନମଣ୍ଡଳୀର ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ମାନବିକତା ପରିବାରର ମୁଖ୍ୟ ପୃଷ୍ଠପୋଷକ ତଥା ଅଧକ୍ଷ ପ୍ରଶାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ପ୍ରତିବିମ୍ବ ଏବଂ ସେମାନଙ୍କ ପରାମର୍ଶ ବିନା ସମାଜର ବିକାଶ ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଇସ୍ପାତ ଅଟୋନମସ କଲେଜ ପୂର୍ବତନ ଅଧକ୍ଷ ପ୍ରଫେସର ଶଙ୍କର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ମାନବିକତା ପଦବାଚ୍ୟ ସମ୍ବେଦନଶୀଳତାକୁ ସୂଚାଏ। ଅନ୍ୟ ପ୍ରତି ସମ୍ବେଦନଶୀଳ ହେବା ମାନବିକତା। ପରିବାର କିମ୍ବା ସମାଜରେ ଆପାତକାଳୀନ ପରିସ୍ଥିତି ଉତ୍ପନ୍ନ ହେଲେ ବରିଷ୍ଠ ନାଗରିକଙ୍କ ପରାମର୍ଶ ବିଶେଷ ସହାୟକ ହୋଇଥାଏ ବୋଲି ସେ କହିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ବ୍ରଜେନ୍ଦ୍ର କୁମାର ଦାସ କହିଥିଲେ, ଆଜିର ଯୁବକ ଆସନ୍ତାକାଲି ଜଣେ ବାପା ଓ ଜେଜେ ବାପା ହେବା ସୁନିଶ୍ଚିତ। ତେଣୁ ବୟୋଜ୍ୟେଷ୍ଠମାନଙ୍କୁ ହେୟଜ୍ଞାନ ନ କରି ତାଙ୍କଠୁ ପରାମର୍ଶ ନେବା ପରିବାର ଓ ସମାଜ ପାଇଁ ଶୁଭଙ୍କର ବୋଲି ସେ କହିଥିଲେ। ଏହାପରେ ପ୍ରଶାନ୍ତଙ୍କ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମର ବୃତ୍ତଚିତ୍ର ଏଲଇଡି ସ୍କ୍ରିନ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ପ୍ରାଣୀବିଜ୍ଞାନ ଅଧ୍ୟାପିକା ସସ୍ମିତା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବାବୁ ମହାନ୍ତି, ନିଲୁ ସେଠୀ, ସରୋଜ ନାୟକ, ତନ୍ମୟ ସେଠୀ, ସୀମାଞ୍ଚଳ ଖଣ୍ଡୁଆଳ, ବିଶ୍ୱ ରଞ୍ଜନ ରାଉତ, ଜିତେନ ମାଛଖଣ୍ଡ, ରାଜେଶ ମଣ୍ଡଳ, ପ୍ରତାପ କୁମାର, ସୋମ୍ୟ ମହାନ୍ତି, ସୋନୁ ସିଂ, ଦେବ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

### ସଫେଇ ମେଶିନ ଯାନ ଉଦ୍‌ଘାଟିତ

**ରାଉରକେଲା, ୧୬।୩(ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍‌ପିରେ ସ୍ୱଚ୍ଛତା ପକ୍ଷ-୨୦୨୪ ପ୍ରାକ୍ ଶୁଭାରମ୍ଭ ନେଇ ୨ ମେକାନାଇଜ୍‌ଡ ସଫେଇ ମେଶିନ ଯାନ ଉଦ୍‌ଘାଟିତ ହୋଇଯାଇଛି। ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ଇସ୍ପାତ ବିଭାଗର ସିଜିଏମ୍ ରାମକୃଷ୍ଣ ପାତ୍ର, ମେକାନିକାଲ ବିଭାଗର ସିଜିଏମ୍ ଏନ. ରାଜେନ୍ଦ୍ରନ, ସେବା ବିଭାଗର ସିଜିଏମ୍ ଏସ୍.ଏନ.ଭି.ଏସ. ପ୍ରଭାକର, ପର୍ଯ୍ୟାବରଣ ଇଞ୍ଜିନିୟରିଂ ବିଭାଗ ଜିଏମ୍ ଇନଚାର୍ଜ ପି. ପି. ଦାସ, ସିଇଏସ୍ ବିଭାଗର ଜିଏମ୍ ଇନଚାର୍ଜ ପବନ ଗୁପ୍ତା ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆରଏସ୍‌ପି ପକ୍ଷରୁ ମାର୍ଚ୍ଚ ୧୬ରୁ ୩୧ତାରିଖ ଯାଏ ସ୍ୱଚ୍ଛତା ପକ୍ଷ ପାଳନ ହେବାକୁ ରହିଥିବା ବେଳେ ନୂତନ ଭାବେ ଉଦଘାଟିତ ସଫେଇ ମେଶିନରେ ଉନ୍ନତ ଭେକ୍ୟୁମ ସଫେଇ ସହିତ ଜଳସିଞ୍ଚନ ବ୍ୟବସ୍ଥା ରହିଛି। ଯାହାକି ପ୍ରତିଦିନ ୧୪ କି.ମି ରାସ୍ତାକୁ ସଫା କରିବ ଏବଂ ଧୂଳିଜନିତ ପ୍ରଭାବ ମଧ ହ୍ରାସ କରିବା ସହିତ କାରଖାନାରେ ପରିଷ୍କାର ଓ ପର୍ଯ୍ୟାବରଣ ଅନୁକୂଳ ପରିବେଶ ସୃଷ୍ଟିରେ ଏହା ସହାୟକ ହେବ। ଏହି ଅବସରରେ ସିଭିଲ ଇଞ୍ଜିନିୟରିଂ ସର୍ଭିସେସ ବିଭାଗର କର୍ମଚାରୀଙ୍କୁ ପବନ ଗୁପ୍ତା ସ୍ୱଚ୍ଛତା ଶପଥ ପାଠ କରାଇଥିଲେ।

## ବିଶ୍ୱ ଗ୍ରାହକ ଅଧିକାର ଦିବସ ପାଳିତ

**ରାଉରକେଲା, ୧୬।୩(ସଙ୍ଗୀତା ଜେନା)**

ଭୁବନେଶ୍ୱରସ୍ଥିତ ଭାରତୀୟ ମାନକ ବ୍ୟୁରୋ(ବିଆଇଏସ୍) ପକ୍ଷରୁ ବିଶ୍ୱ ଗ୍ରାହକ ଅଧିକାର ଦିବସ ଶୁକ୍ରବାର ରାଉରକେଲାର ହୋଟେଲ ମେ ଫେୟାରରେ ପାଳିତ ହୋଇଯାଇଛି। ବିଆଇଏସ୍‌ର ମୁଖ୍ୟ ଓ ନିର୍ଦ୍ଦେଶକ ଏ. କେ. ପୁରୋହିତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଆର୍‌ଏସ୍‌ପି ଗୁଣବତ୍ତା ବିଭାଗର ସିଜିଏମ୍ ଅତିଶ ଚନ୍ଦ୍ର ସରକାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚଳିତବର୍ଷ ପାଇଁ ରହିଥିବା ସର୍ବଭାରତୀୟ ବିଷୟବସ୍ତୁ 'ଗ୍ରାହକଙ୍କ ପାଇଁ ସ୍ୱଚ୍ଛ ଓ ଦାୟିତ୍ୱ ସମ୍ପନ୍ନ ଏଆଇ' ଉପରେ ଆଲୋଚନା କରିଥିଲେ। ଇସ୍ପାତ ଓ ଆଲୁମିନିୟମ୍ ସମ୍ପର୍କିତ ବିଆଇଏସ୍ ଦ୍ୱାରା ବିକଶିତ ସାମ୍ପ୍ରତିକ ମାନଦଣ୍ଡ ଉପରେ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ ବିଆଇଏସ୍ ଦ୍ୱାରା ଆଉଟ୍‌ରିଚ୍ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭାଗ ଓ ପଞ୍ଚାୟତକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଗ୍ମ ନିର୍ଦ୍ଦେଶକ ଦୀପକ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପୂର୍ବାହ୍ନରେ ଛେଣ୍ଡ ସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି) ଓ ବିଏସ୍‌ଆଇ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ବିପିୟୁଟି କୁଳପତି ଓ ବିଏସ୍‌ଆଇ ନିର୍ଦ୍ଦେଶକ ଓ ରେଜିଷ୍ଟ୍ରାରଙ୍କ ଉପସ୍ଥିତିରେ ଉକ୍ତ ଚୁକ୍ତି ସ୍ୱାକ୍ଷର ହୋଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

## ସଚେତନ ନାଗରିକ ମଞ୍ଚର ବାର୍ଷିକୋତ୍ସବ

**ରାଉରକେଲା, ୧୬।୩(ସଙ୍ଗୀତା ଜେନା)**

ରାଉରକେଲାର ସାମଗ୍ରିକ ବିକାଶ ପାଇଁ ସ୍ୱର ଉତ୍ତୋଳନ କରୁଥିବା ସଚେତନ ନାଗରିକ ମଞ୍ଚର ୧୦ମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛେଣ୍ଡ ବିର୍ସା ମୁଣ୍ଡା ହାଉସିଂ କଲୋନୀରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ମଞ୍ଚର ସଭାପତି ଇଂ. ବିମଳ ବିଶିଙ୍କ ଅଧ୍ୟକ୍ଷତା କରି କହିଥିଲେ, ରାଉରକେଲାର ସାମଗ୍ରିକ ବିକାଶ ହୋଇନାହିଁ। ଅନେକ ସଂଗ୍ରାମ ଓ ଆନ୍ଦୋଳନ ପରେ ମଧ୍ୟ ସହରବାସୀ ସମସ୍ତ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ରାଉରକେଲାର ସାମଗ୍ରିକ ବିକାଶ ପାଇଁ ଅନୁଷ୍ଠାନ ସ୍ୱର ଉତ୍ତୋଳନ କରିଆସିଛି। ୧୮ଟି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସହରବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବିଶି ଚେତାବନୀ ଦେଇଥିଲେ। ସେହିପରି ଆବାହକ ତଥା ସାଧାରଣ ସମ୍ପାଦକ ପି. ପି. ରାୟ କହିଥିଲେ, ତାଲଚେର- ବିମଳାଗଡ଼ ରେଳପଥ ସମ୍ପୂର୍ଣ୍ଣ ସମେତ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଶିଳ୍ପାଞ୍ଚଳ ଓ ଆର୍‌ଏମ୍‌ସିକୁ ଟ୍ୱିନ୍ ସିଟି ନ କରି ପୂର୍ଣ୍ଣ ରାଉରକେଲା ଘୋଷଣା କରାଯାଉ ବୋଲି ଅନ୍ୟତମ ସଦସ୍ୟ ଚନ୍ଦ୍ରଶେଖର ଶତପଥୀ କହିଥିଲେ। କୁଞ୍ଜବିହାରୀ ରାଉତ, ଜଗବନ୍ଧୁ ଜେନା, ଆନନ୍ଦ ଚନ୍ଦ୍ର ମହାନ୍ତି, ନଳିନୀକାନ୍ତ ଧର, ଡା. ବସନ୍ତ ଦାସ, ସୁନୀଲ କୟାଲ, ମୀନତି ଦେବତା, ଚକ୍ରାନ୍ତ ଜେନା, ଖଦାଲ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଡ. କିଶୋରୀ ଦାସ, ଅରୁଣ ପରିଡ଼ା, ଶୈଳେନ୍ଦ୍ର ମହାନ୍ତି, ଅଜିତ ମୋହନ ପୂଜାରୀ, ବିରେନ ସେନାପତି, କବି ରାଜୀବ ପାଣି, ରମେଶ ସେଠୀ, ଶଶଧର ପାତ୍ର, ଭବାନୀ କବି, ଗଙ୍ଗାଧର ଦାଶ, ସୁନୀଲ ପଟ୍ଟନାୟକ, ମୀନତି ବିଶ୍ୱାଳ, ସୁକାନ୍ତ ଖୁଣ୍ଟିଆଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

## ଏସ୍‌ଏଚ୍‌ଜି ମହିଳାଙ୍କୁ ସମୃଦ୍ଧ କରିଛି ଆଧୁନିକ କୃଷି ଯନ୍ତ୍ରପାତି

**ରାଉରକେଲା, ୧୬।୩(ବିପ୍ଳବ ରଞ୍ଜନ ଦାଶ)**

ଚାଷରେ ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର ବଢିବାରେ ଲାଗିଛି। ଫଳରେ କମ୍ ସମୟରେ ଅଧିକ କାର୍ଯ୍ୟ ସହ ଫସଲ ଉତ୍ପାଦନ ବଢୁଛି। ଏଥିପାଇଁ ଚାଷକାର୍ଯ୍ୟରେ ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର କରିବାକୁ ସରକାରୀ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ସହ କୃଷି ଯନ୍ତ୍ରପାତିରେ ରିହାତି ପ୍ରଦାନ କରାଯାଉଛି। ଏହି କ୍ରମରେ ପାନପୋଷ କୃଷି ଜିଲା ଅଧୀନ ବିଶ୍ରା, ଲାଠିକଟା, ନୂଆଗାଁ ଓ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଚାଷକାର୍ଯ୍ୟରେ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି।

ଉକ୍ତ ୪ ବ୍ଲକରେ ରବି ଏବଂ ଖରିଫ ଋତୁରେ ଧାନ ସମେତ ଅଣଧାନ କିସମ ଯଥା ଧାନ, ମକା, ମାଣ୍ଡିଆ, ଡାଲି, ତୈଳବୀଜ, ତନ୍ତୁଜାତୀୟ ଏବଂ ପନିପରିବା ଭଳି ଲାଭକାରୀ ଚାଷ କରାଯାଉଛି। ଖରିଫରେ ମୋଟ ୮୪ହଜାର ୫୮ହେକ୍ଟର ଜମିରୁ ୨୭ହଜାର ୮୮୮ହେକ୍ଟର ଜଳସେଚିତ ଓ ୫୬ହଜାର ୧୭୦ହେକ୍ଟର ଅଣଜଳସେଚିତ ଜମିରେ ଏଭଳି ଚାଷ ହୁଏ। ସେହିପରି ରବି ଋତୁରେ ୨୮ହଜାର ୨୦୪ହେକ୍ଟର ଜମିରୁ ୧୮ହଜାର ୨୧୭ ହେକ୍ଟର ଜମି ଜଳସେଚିତ ଓ ୯ହଜାର ୯୮୭ହେକ୍ଟର ଅଣଜଳସେଚିତ ଜମିରେ ଧାନ ସମେତ ଅଣଧାନ ଚାଷ କରାଯାଇଥାଏ। ପୂର୍ବରୁ ଏହିସବୁ ଚାଷ ପାଇଁ ୪ଟି ବ୍ଲକର ଚାଷୀମାନଙ୍କୁ ଅଧିକ ବ୍ୟୟବରାଦ କରିବାକୁ ପଡୁଥିଲା। ମାତ୍ର ବର୍ତ୍ତମାନ ରିହାତିରେ ମିଳୁଥିବା ଆଧୁନିକ କୃଷି ଯନ୍ତ୍ରପାତି ଚାଷୀକୁଳ ପାଇଁ ଲାଭପ୍ରଦ ହୋଇଛି। ଫଳରେ ଚାଷୀମାନେ ସ୍ୱଳ୍ପ ପରିଶ୍ରମ ଓ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଲାଭ ପାଉଥିବା କହିଛନ୍ତି।




ଅତ୍ୟାଧୁନିକ କୃଷିଯନ୍ତ୍ର ସହ ନୂଆଗାଁ ବ୍ଲକର ନିର୍ମଳା ଏସ୍‌ଏଚ୍‌ଜି ମହିଳା।

୨୦୨୩-୨୪ ଆର୍ଥିକ ବର୍ଷରେ ପାନପୋଷ କୃଷି ଜିଲା ଅଧୀନ ବିଶ୍ରା, କୁଆଁରମୁଣ୍ଡା, ଲାଠିକଟା, ନୂଆଗାଁ ବ୍ଲକର ୨୨୬୫ଜଣ କୃଷକଙ୍କୁ ମିଳିଥିବା ୧୬ପ୍ରକାର ଆଧୁନିକ କୃଷି ଯନ୍ତ୍ରପାତିରେ ୧୨କୋଟି ୧୬ଲକ୍ଷ ୩୩ହଜାର ଟଙ୍କା ରିହାତି ପ୍ରଦାନ କରାଯାଇଛି। ଏହି ଯୋଜନାରେ ବିଶେଷ କରି ଉକ୍ତ ବ୍ଲକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପକୃତ ହୋଇଛନ୍ତି। ବିଶ୍ରା ବ୍ଲକର ୭୧, କୁଆଁରମୁଣ୍ଡାର ୩୪, ଲାଠିକଟା ବ୍ଲକର ୧୧୦ ଏବଂ ନୂଆଗାଁ ବ୍ଲକର ୪୬୮ଟି ଏସ୍‌ଏଚ୍‌ଜି ଏହି ଯୋଜନାରେ ରିହାତି ପାଇଥିବା ଜଣାପଡିଛି। ଏ ନେଇ ପାନପୋଷ କୃଷି ଜିଲା ଅଧିକାରୀ ରେଲିଜିୟସ ବେକ୍ କୁହନ୍ତି, ୨୦୨୩-୨୪ ଆର୍ଥିକ ବର୍ଷ କିଭଳି ଉକ୍ତ ୪ଟି ବ୍ଲକର ମହିଳା ପୁରୁଷ ଚାଷୀଙ୍କ ସମେତ ଏସ୍‌ଏଚ୍‌ଜିମାନଙ୍କ ପାଇଁ କୃଷି କାର୍ଯ୍ୟ ଏକ ଲାଭଜନକ ବ୍ୟବସାୟ ଭାବେ ପରିଗଣିତ ହେବ ତାହା ଆମ ପାଇଁ ମୁଖ୍ୟ ବିଷୟ ଥିଲା। ସରକାରଙ୍କ ସହଯୋଗରେ ଚଳିତ ଆର୍ଥିକ ବର୍ଷ ପୂରଣକୁ ମାତ୍ର ଆଉ ୧୫ଦିନ ବାକି ଥିବାବେଳେ ସଫଳତାର ସହିତ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦାନ କରି ୪ଟି ବ୍ଲକର କୃଷି ଓ କୃଷକଙ୍କ ସମୃଦ୍ଧିରେ ନୈତିକ ଦାୟିତ୍ୱ ତୁଲାଇଛୁ ବୋଲି ବେକ୍ କହିଥିଲେ। ଏ ନେଇ ପାନପୋଷ ସହକାରୀ କୃଷି ଯନ୍ତ୍ରୀ ନିତୀଶ କୁମାରଙ୍କୁ ପଚାରିବାରୁ ସେ କହିଲେ, ବର୍ତ୍ତମାନ ସମୟରେ ମଜୁରିଆ ଲଗାଇ କୃଷି କାମ ତୁଲାଇବା ବହୁ କଷ୍ଟ। ଏଣୁ ସରକାର ଏହି ଆଧୁନିକ କୃଷି ଯନ୍ତ୍ରପାତି ରିହାତି ପ୍ରଦାନ କରି କୃଷକଙ୍କ ମୂଳ ସମସ୍ୟାକୁ ସମାଧାନ କରିଛନ୍ତି ବୋଲି କୁମାର କହିଥିଲେ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟ ଜରୁରୀ

**ସୋନପୁର, ୧୬।୩(ମୃତ୍ୟୁଞ୍ଜୟ ଶତପଥୀ)**

ଦେଶକୁ ସମୃଦ୍ଧ ଓ ବିକାଶ ଦିଗରେ ଆଗେଇ ନେବା ପାଇଁ ଏକ ସୁସ୍ଥ ସମାଜର ଆବଶ୍ୟକତା ରହିଛି। ସମସ୍ତେ ସୁସ୍ଥ ରହିଲେ ହିଁ ଦେଶରେ ସୁସ୍ଥ ସମାଜ ଗଠନ ହୋଇପାରିବ। ଏଥିପାଇଁ ପୁଷ୍ଟିକର ଖାଦ୍ୟ ଆପଣାଇବାକୁ ପଡିବ। ମଣିଷର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟ ଜରୁରୀ ବୋଲି ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଜିଲାସ୍ତରୀୟ ପୋଷଣ ପକ୍ଷ ପାଳନ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀଙ୍କୁ ଭିଟାମିନ୍‌ଯୁକ୍ତ ଖାଦ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଓଏଲଏମ୍ ଡିପିଏମ୍ ତାନସିସ ବାର୍ଲା, ମିଶନ ଶକ୍ତି ଡିପିସି ବିଶ୍ୱଜିତ ପରିଡା, ଜିଲା ସମାଜ କଲ୍ୟାଣ ବିଭାଗର ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ମିଲେଟ୍ ମିଶନର ଡିପିସି ଭବାନୀ ଶଙ୍କର ମେହେର ଓ ପୋଷଣର ଜିଲା ସଂଯୋଜକ ସଞ୍ଜିବ ମିଶ୍ର ପ୍ରମୁଖ ଯୋଗଦାନ କରି କୁପୋଷଣରୁ ମୁକ୍ତି ପାଇଁ ସନ୍ତୁଳିତ ଖାଦ୍ୟ ଗ୍ରହଣ ଉପରେ ଆଲୋଚନା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରିଣୀ ଅନୁପମା ପଣ୍ଡା ପୋଷଣ ପକ୍ଷ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ପନିପରିବା, ଅଣ୍ଡା, ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ପିଠା ପଣା ଭଳି ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ।



ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅତିଥିମାନେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ପୋଷଣ ପକ୍ଷ ଉତ୍ସବ**

# ନିୟମିତ ପାଇଁ ଦାବି କଲେ ପଲିଟେକ୍‌ନିକ କଲେଜ ଅତିଥି ଅଧ୍ୟାପକ

**ବଘିଆପଡା, ୧୬।୩(ଶ୍ରୀକାନ୍ତ ସାହୁ)**

ରାଜ୍ୟ ସରକାର ଦକ୍ଷତା ବୃଦ୍ଧି ପାଇଁ ବୈଷୟିକ ଶିକ୍ଷା ପ୍ରତି ଗୁରୁତ୍ୱ ଦେଇ ସବୁ ଜିଲାରେ ପଲିଟେକନିକ କଲେଜମାନ ସ୍ଥାପନ କରିଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳର ହଜାର ହଜାର ଛାତ୍ରୀଛାତ୍ର ଉପକୃତ ହୋଇ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ପାଇ ପାରୁଛନ୍ତି। କିନ୍ତୁ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକରେ ବର୍ଷ ବର୍ଷ ଧରି ଶିକ୍ଷାଦାନ କରୁଥିବା ବୈଷୟିକ ଡିଗ୍ରୀଧାରୀ ଅତିଥି ଅଧ୍ୟାପକ ଓ ପରୀକ୍ଷାଗାର ସହଯୋଗୀ କର୍ମଚାରୀମାନଙ୍କୁ ନିୟମିତ କରାଯାଉନାହିଁ। ଏହାକୁ ନେଇ ଅତିଥି ଅଧ୍ୟାପକ ଓ ପରୀକ୍ଷାଗାର ସହଯୋଗୀମାନେ କ୍ଷୋଭ ପ୍ରକାଶ କରିବା ସହିତ ଏହା ଅସାମ୍ବିଧାନିକ ବୋଲି ଅଭିଯୋଗ କରିଛନ୍ତି। ବୌଦ୍ଧ ବଘିଆପଡା ଗୌଡଦେଇସ୍ଥିତ ସରକାରୀ ପଲିଟେକନିକ କଲେଜର ଅତିଥି ଅଧ୍ୟାପକମାନେ କେତେକ କଲେଜ ନିଜ ଇଚ୍ଛାରେ କର୍ମଚାରୀମାନଙ୍କୁ ନିୟମିତ କରୁଥିବା ବେଳେ ଅନ୍ୟ କେତେକ କଲେଜ କର୍ମଚାରୀଙ୍କୁ ବାହାର କରି ଦେଉଥିବା ଅଭିଯୋଗ କରିଛନ୍ତି। ଏହି ଅସ୍ଥାୟୀ କର୍ମଚାରୀମାନଙ୍କୁ ନିୟମିତ ଭାବରେ ଦରମା ପ୍ରଦାନ କରାଯାଉ ନ ଥିବା ବେଳେ ଦରମା ବୃଦ୍ଧି ପରିବର୍ତ୍ତେ କମ୍ ଦରମା ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଛି। ସେହିପରି ଏହି କର୍ମଚାରୀଙ୍କୁ ଜରୁରୀ ସମୟରେ କୌଣସି ଛୁଟି ପ୍ରଦାନ କରାଯାଉ ନ ଥିବା ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଉ ନ ଥିବାରୁ କୌଣସି ବ୍ୟାଙ୍କ କିମ୍ବା ସରକାରୀ ଅନୁଷ୍ଠାନରୁ ସାହାଯ୍ୟ ପାଉ ନ ଥିବା ଭଳି ଅଭିଯୋଗ ହେଉଛି। ରାଜ୍ୟରେ ରହିଥିବା ପଲିଟେକନିକ କଲେଜଗୁଡିକରେ କାର୍ଯ୍ୟରତ ଉଚ୍ଚ ଶିକ୍ଷାପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ଭବିଷ୍ୟତ ଏବେ ତ୍ରିଶଙ୍କୁରେ ରହିଥିବା ବେଳେ ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଛି। ପ୍ରାୟ ସମସ୍ତ ଶିକ୍ଷାନୁଷ୍ଠାନରେ କମ୍ ସଂଖ୍ୟକ ନିୟମିତ କର୍ମଚାରୀ ରହିଥିବା ବେଳେ ଅନୁଷ୍ଠାନର ଅଧିକାଂଶ କାମ ଏହି ଅସ୍ଥାୟୀ କର୍ମଚାରୀମାନଙ୍କ ଦ୍ୱାରା କରାଯାଉଛି। ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଅତିଥି ଅଧ୍ୟାପକ ଓ କର୍ମଚାରୀମାନେ ନିଷ୍ଠାର ସହିତ ନିଜର କାର୍ଯ୍ୟ ସଂପାଦନ କରୁଥିଲେ ମଧ୍ୟ ସରକାର ସେମାନଙ୍କ ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି। ଏହି ଅବସରରେ ଅତିଥି ଅଧ୍ୟାପକମାନେ ସେମାନଙ୍କୁ ନିୟମିତ କରାଯିବା ସହ ୫ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଥିବା ଜଣାଯାଇଛି।

# ଜିଲା କଂଗ୍ରେସ କମିଟି ପକ୍ଷରୁ ମିଶ୍ରଣ ପର୍ବ



**ଦେବଗଡ଼, ୧୬।୩( ଶଶାଙ୍କ ଶେଖର ଝାଙ୍କର)**

ଆଦିବାସୀ ଅଧ୍ୟୁଷିତ ତିଲେଇବଣି ବ୍ଲକ ପାରପୋଶି ପଞ୍ଚାୟତ ଡୁରିଜଙ୍ଗଲ ଗ୍ରାମରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଉପସ୍ଥିତ ରହି ଦଳର ନୀତି ଓ ଆଦର୍ଶ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପାରପୋଷି ଓ ନିକଟସ୍ଥ ଝରାଗୋଗୁଆ ପଞ୍ଚାୟତର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଦଳରେ ଯୋଗଦେଇଥିଲେ। ସେମାନଙ୍କୁ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ସରପଞ୍ଚ କୁଶ କିଷାନ, ପୂର୍ବତନ ସମିତି ସଦସ୍ୟା ପେରେଇ କିଷାନ, ରବୀନ୍ଦ୍ର କିଷାନ, ପାଉଲୁସ ଖାଲକୋ ଓ ଦିନବନ୍ଧୁ କିଷାନଙ୍କ ସମେତ ପାରପୋଶି ଓ ଝରାଗୋଗୁଆ ପଞ୍ଚାୟତର ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ନବାଗତଙ୍କ ଯୋଗଦାନ ଦଳର ସଂଗଠନକୁ ଅଧିକ ସୁଦୃଢ କରିବ ବୋଲି ସଭାପତି ହେମ୍ବ୍ରମ ପ୍ରକାଶ କରିଛନ୍ତି।

# ଶ୍ରୀବିଷ୍ଣୁ ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ତରଭା, ୧୬।୩(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧୀନସ୍ଥ ସରଗଜ ଗ୍ରାମରେ ୯ ଦିନ ବ୍ୟାପି ୭୨ ପ୍ରହର ନାମଯଜ୍ଞର ଅଧିବାସ ଏବଂ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ଗ୍ରାମରୁ କଳସ ଶୋଭାଯାତ୍ରା ବାହାରି ତରଭାସ୍ଥିତ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ନେଇ ସରଗଜ ନଦୀଘାଟ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ସରଗଜ ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳର ମହିଳାମାନେ ସାମିଲ ହୋଇଥିଲେ। ମହାଯଜ୍ଞର ସଭାପତି ଗୋପାଳ ଚରଣ ମିଶ୍ର, କାର୍ଯ୍ୟକାରୀ ସଭାପତି ସୁଧିରେନ୍ଦ୍ର ମିଶ୍ର, ସଂପାଦକ ସୁମନ୍ତ ମିଶ୍ର, କୋଷାଧ୍ୟକ୍ଷ ଚନ୍ଦ୍ରଭାନୁ ସା, ପଣ୍ଡିତ ମହାଦେବ ମିଶ୍ର, ଭବାନୀ ଶଙ୍କର ମିଶ୍ରଙ୍କ ସମେତ ଗ୍ରାମର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ଲାଗି ପଡିଛନ୍ତି। ପୁରୀର ରାମଜୀ ମଠାଧୀଶ ବଂଶୀଧର ମହାରାଜ ଓ ବଲାଙ୍ଗୀର ଖୁଜେନପାଲି ଆନନ୍ଦ ନିକେତନର ପ୍ରେମାନନ୍ଦ ସରସ୍ୱତୀ ତରଭା ଜଗନ୍ନାଥ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ନେବା ପରେ କଳସ ଶୋଭାଯାତ୍ରା ବାହାରିଥିଲା। ଯଜ୍ଞମଣ୍ଡପ କର୍ତ୍ତା ଭାବେ ବାସୁଦେବ ମିଶ୍ର ଓ ତାଙ୍କ ସ୍ତ୍ରୀ ପ୍ରୀତିମୟୀ ତ୍ରିପାଠୀ, ନାମମଣ୍ଡପରେ ସୁଧୀରେନ୍ଦ୍ର ମିଶ୍ର ଓ ଗୀତାଞ୍ଜଳି ମିଶ୍ର, ଭାଗବତ ମଣ୍ଡପରେ ସୁଶାନ୍ତ ମିଶ୍ର ଓ ତାଙ୍କ ସ୍ତ୍ରୀ ଅନିତା ମହାପାତ୍ର ପ୍ରମୁଖ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି।

# ସାଧାରଣ ନିର୍ବାଚନ ପାଇଁ ପ୍ରେସ୍ ମିଟ

**ଦେବଗଡ଼ , ୧୬।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସାଧାରଣ ବିଧାନସଭା ଓ ଲୋକସଭା ନିର୍ବାଚନ ୨୦୨୪ ସମ୍ପର୍କୀତ ଏକ ପ୍ରେସ୍ ମିଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରି ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି ସୂଚନା ଅନୁଯାୟୀ ଦେବଗଡ଼ ଜିଲାରେ ୨,୫୦,୨୨୨ ଭୋଟରଙ୍କ ମଧ୍ୟରୁ ମହିଳା ଭୋଟର ୧,୨୫,୧୭୩ ଓ ପୁରୁଷ ଭୋଟର ୧,୨୫,୦୩୨ ଓ ତୃତୀୟ ଲିଙ୍ଗି ଭୋଟର ୧୭ ଜଣ ରହିଛନ୍ତି। ଜିଲାରେ ନିର୍ବାଚନ ଆଚରଣବିଧି ଲାଗୁ ହେଲା। ଏହା ଅନୁପାଳନ ପାଇଁ ୫ ଟି ଫ୍ଲାଇଙ୍ଗ ସ୍କାଡ ଏବଂ ପ୍ରତ୍ୟେକ ବ୍ଲକ ଓ ମ୍ୟୁନିସିପାଲିଟି ପାଇଁ ଏମସିସିଏମ ଫୋର୍ସ ଟିମ୍ ଗଠନ କରାଯାଇଛି। ପ୍ରାର୍ଥୀଙ୍କ ବିଜ୍ଞାପ୍ତି ଜାରି ଏପ୍ରିଲ ୨୯ ତାରିଖ, ନାମାଙ୍କନ ପତ୍ର ଦାଖଲ ମେ ୬ ତାରିଖ, ଯାଞ୍ଚ ମେ ୭ ତାରିଖ, ପ୍ରାର୍ଥୀପତ୍ର ପ୍ରତ୍ୟାହାର ମେ ୯ ତାରିଖ, ମତଦାନ ମେ ୨୫ ତାରିଖ ଓ ଭୋଟ ଗଣତି ଜୁନ ୪ ତାରିଖରେ କରାଯିବ। ଜିଲାରେ ୩୩୮ଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ରିଟନିଙ୍ଗ ଅଫିସର ତଥା ଉପଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ ବାରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବହୁ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତି ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥି।

# ବିଦ୍ୟୁତ୍ ବିଭାଗ ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ

**ଦେବଗଡ଼, ୧୬।୩(ଶଶାଙ୍କ ଶେଖର ଝାଙ୍କର)**

ଆଦିବାସୀ ଅଧ୍ୟୁଷିତ ତିଲେଇବଣି ବ୍ଲକ କଂସର ପଞ୍ଚାୟତ, ଲଇମୁରା ଓ ଡିମିରିକୁଦାର ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଜୋର ଜବରଦସ୍ତି ବିଦ୍ୟୁତ୍ ବିଲ ଆଦାୟ ଏବଂ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପ୍ରତିବାଦରେ ଉପରୋକ୍ତ ପଞ୍ଚାୟତର ଗ୍ରାମବାସୀଙ୍କ ଦ୍ୱାରା ଦେବଗଡ ସ୍ଥିତ ବିଦ୍ୟୁତ୍ ବିଭାଗ ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ, କଂସର ସରପଞ୍ଚ ଅମୂଲ୍ୟ ଧରୁଆ ଓ ଡିମିରିକୁଦାର ପୂର୍ବତନ ସରପଞ୍ଚ ଶ୍ୟାମଘନ ବାଘଙ୍କ ସମେତ ବହୁ ଗ୍ରାମବାସୀ ଏସଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜୋର ଜବରଦସ୍ତି ବିଦ୍ୟୁତ୍ ଆଦାୟ ଏବଂ ବଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନର ତୀବ୍ର ପ୍ରତିବାଦ କରିଥିଲେ। ଏଥିସହ ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ।

# କାର ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ

**ଜୁନାଗଡ଼, ୧୬।୩ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଚିଟୈଗୁଡା ଛକରେ ଶୁକ୍ରବାର ମଧ୍ୟ ରାତିରେ କାର ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ କାର ଚାଳକଙ୍କ ନାମ କାନ୍ତ ମେହେର(୪୫)। ସେ ନକଟିଗୁଡା ଗ୍ରାମର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, କାନ୍ତ ଶୁକ୍ରବାର ମଧ୍ୟ ରାତ୍ରିରେ ବଣ୍ଡାକୁତ୍ରା ପଟରୁ ନିଜ କାର ନଂ. ଓଡ଼ି ୧୩ ଏ-୭୪୬୪ ରେ ଘରକୁ ଫେରୁଥିଲେ।

# ଜାମପାଲି ନାଳ ଉପରେ ପୋଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଡୁଙ୍ଗୁରିପାଲି, ୧୬।୩(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତର ଜାମପାଲି ନାଳ ଉପରେ ପୋଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଶନିବାର ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉପଲକ୍ଷେ ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଡ଼ିଓ ବିପିନ ବିହାରୀ ଦୀପ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏଇ ସୁବନାଥ ମାଝୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ଚେରୁପାଲି ସମିତି ସଭ୍ୟା ମିଥିମଳା ସାହୁ ଯୋଗ ଦେଇଥିଲେ। ଜାମପାଲି ନାଳ ପୋଲ ନିର୍ମାଣ କାର୍ଯ୍ୟ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅଧୀନରେ ହେବାକୁ ଥିବା ବେଳେ ୫୦ ଲକ୍ଷ ଟଙ୍କା ବ୍ୟୟରେ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ପୋଲ ନିର୍ମାଣ ହେବା ଦ୍ୱାରା ଚେରୁପାଲି, ଖୁସାମଲ ଓ ବଡ଼ନୁଆଁପାଲି ଗାଁର ଚାଷୀମାନେ ଉପକୃତ ହେବେ ଓ ଗମନାଗମନର ସୁବିଧା ହୋଇ ପାରିବ ବୋଲି ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ ସୂଚନା ଦେଇଛନ୍ତି। ଏହାସହିତ ଜିଲା ପରିଷଦ ଅଧ୍ୟକ୍ଷା ଠେଲୋ ଚେରୁପାଲି ଜାମପାଲି ନାଳରେ ଦୁଇଟି ଉଠା ଜଳସେଚନ ପ୍ରକଳ୍ପ ଓ ସୁନାପାଲି ଗ୍ରାମ ପଞ୍ଚାୟତର ପହଣ୍ଡି ଗ୍ରାମରେ ହେବାକୁ ଥିବା କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ବୈଦୁପାଲି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମନୋଜ ଦିଶିରୀ, ସମିତି ସଭ୍ୟାଙ୍କ ପ୍ରତିନିଧି ବଦ୍ରୀ ନାରାୟଣ ପାଣ୍ଡିଆ, ଚେରୁପାଲି ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବରଙ୍କ ସହିତ ଜନସାଧାରଣ ଉପସ୍ଥିତ ଥିଲେ।

# ଛାତ୍ରୀମାନଙ୍କ ପାଇଁ 'ଅଗ୍ନି'ର କର୍ମଶାଳା

**ଭବାନୀପାଟଣା, ୧୬।୩(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ଟାଉନ ହଲରେ ଶନିବାର ଭାରତ ସରକାରଙ୍କ ବେଟି ବଚାଓ ବେଟି ପଢାଓ ଯୋଜନା ତଥା ରାଜ୍ୟ ସରକାରଙ୍କ ବିଜୁ କନ୍ୟା ରତ୍ନ ଯୋଜନା ଅନ୍ତର୍ଗତ ବିଭିନ୍ନ କଲେଜ ଛାତ୍ରୀ ।ନଙ୍କ ସକାଶେ ଅଗ୍ନିବୀର ସମ୍ପର୍କିତ କର୍ମଶାଳା ତାଲିମ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ କଳାହାଣ୍ଡି ପକ୍ଷରୁ ଅୟୋଜନ କରଯାଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପୌରପରିଷଦ ଅଧ୍ୟକ୍ଷା ସଂଯୁକ୍ତା ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳନ୍ଦୁ ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଜିଲା ନିୟୋଜନ ଅଧିକାରୀ ଅଜିତ ଉତ୍ତରାୟ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଦୁଲାଲ ସେନାପତି, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ସ୍ୱର୍ଣଲତା ମହାନ୍ତି, ଭବାନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ ଛାତ୍ରୀମାନଙ୍କୁ ଭାରତୀୟ ସେନାରେ ଯୋଗଦାନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଭାରତୀୟ ସେନା ପକ୍ଷରୁ ଗୋପାଳପୁରସ୍ଥିତ ଆର୍ମି ରିକ୍ରୁମେଣ୍ଟ ଅଫିସରୁ ସୁବେଦାର ମେଜର ସଞ୍ଜୀବ କୁମାର ଦୀକ୍ଷିତ ଯୋଗଦାନ କରି ଛାତ୍ରୀମାନଙ୍କୁ ଅଗ୍ନି ବୀର ପାଇଁ କିପରି ପ୍ରସ୍ତୁତ କରିବେ, ଏହାର ସୁବିଧା, ସୁଯୋଗ ତଥା ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରି ଦେଶର ସୁରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ପ୍ରଗତି ମହାବିଦ୍ୟାଳୟ, ବିକାଶ ଆବାସିକ ମହାବିଦ୍ୟାଳୟ ଓ ଶାସ୍ତ୍ରିଜି ମହିଳା ମହାବିଦ୍ୟାଳୟର ମୋଟ ୧୮୦ଜଣ ଛାତ୍ରୀ ଓ ଏନସିସି କ୍ୟାଡେଟ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଂଶୁମାନ ବାବୁ ପରିଚାଳନା କରିଥିଲେ।


ଅଗ୍ନିବୀର କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀମାନେ।

# କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କଲେ ଡାକ୍ତର ଓ କର୍ମଚାରୀ

**ବୌଦ୍ଧ, ୧୬।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନମୋହନ ପ୍ରଧାନଙ୍କୁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଡା. ପ୍ରଧାନ ଗତ ଶୁକ୍ରବାର ଦିନ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଶନିବାର ଡାକ୍ତର ଓ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ଡାକ୍ତରଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଜିଲାପାଳ ଜେ. ସୋନାଲ ଓ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ନିର୍ବାଚନ ପରିଚାଳନା ପାଇଁ ସହରର ପୁରୁଣା ଆଇଟିଆଇ କେନ୍ଦ୍ରକୁ ଭିତ୍ତିଭୂମି ଦେଖିବାକୁ ଯାଇଥିଲେ। ଜିଲାପାଳ ଆସିଥିବା ଖବର ପାଇ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ମଧ୍ୟ ପହଞ୍ଚି ଥିଲେ। କିନ୍ତୁ ସେଠାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ବରୁ କୋଭିଡ ସେଣ୍ଟର କାର୍ଯ୍ୟକାରୀ ହୋଇଥିଲା। ଫଳରେ ସେଠାରେ ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଔଷଧ ମହଜୁଦ ରହିଛି। ଏନେଇ ଜିଲାପାଳ ସୋନାଲ ସେଠାରେ କାହିଁକି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଔଷଧ ରଖାଯାଇଥିବା ନେଇ ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟ ଅଧିକାରୀମାନେ ଔଷଧ ରଖିବା ନେଇ ଜିଲାପାଳଙ୍କୁ କାରଣ ଦର୍ଶାଇ ଥିବା ବେଳେ ଜିଲାପାଳ ୨୪ ଘଣ୍ଟା ମଧ୍ୟରେ ଔଷଧ ନିଅନ୍ତୁ ନହେଲେ ଫୋପାଡି ଦିଆଯିବ ବୋଲି କହିଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଅଭିଯୋଗ କରିଛନ୍ତି। ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଧାନ କହିଥିଲେ, ଟ୍ରମାକେୟାର ସେଣ୍ଟର ବୌଦ୍ଧ ଜିଲା ପାଇଁ ମଞ୍ଜୁର ହୋଇଛି, ସେଥିପାଇଁ ପୂର୍ବତନ ଜିଲାପାଳଙ୍କ ଆଦେଶ ନେଇ ଔଷଧ ରଖାଯାଇଥିବା କହିଥିଲେ। ଏଥିରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଦୁର୍ବ୍ୟବହାର କରିଥିବା ନେଇ ଡାକ୍ତର ପ୍ରଧାନ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଶନିବାର ଦିନ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିକାଲ ପରିସରରେ ଡା. କିଶୋର ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଡା. ପଟ୍ଟନାୟକ କହିଥିଲେ, ଶୁକ୍ରବାର ଅପରାହ୍ନରେ ଜିଲାପାଳ ଡା. ମଦନ ମୋହନ ପ୍ରଧାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଣୁ ରାତିରେ ଜିଲା ଡାକ୍ତର ସଂଘ ଓ କର୍ମଚାରୀମାନେ ଏକ ବୈଠକ କରିଥିଲେ। ବୈଠକରେ ଯେପରି ରୋଗୀ ସେବା ବ୍ୟାହତ ନ ହେବ ସେଥିପ୍ରତି ଦୃଷ୍ଟି ଦେଇ ସମସ୍ତେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଥିଲା ବୋଲି କହିଥିଲେ। ଏହାସହ ଜିଲାପାଳ ନିସର୍ତ୍ତ କ୍ଷମା ମାଗନ୍ତୁ ଓ ତାଙ୍କର ବଦଳି ଦାବି କରିଥିଲେ। ଏନେଇ ଓଡିଶା ମେଡିକାଲ ସର୍ଭିସ ଆସୋସିଏଶନକୁ(ଓମ୍‌ସା)କୁ ଅବଗତ କରାଯାଇଛି। ଦିନେ ଦୁଇ ଦିନ ମଧ୍ୟରେ ଓମ୍‌ସା କର୍ତ୍ତୃପକ୍ଷ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବର୍ତ୍ତମାନ କଳାବ୍ୟାଜ ପିନ୍ଧି ଆନ୍ଦୋଳନ ଚାଲୁ ରହିବ ବୋଲି କହିଥିଲେ। ନିର୍ବାଚନ କାର୍ଯ୍ୟରେ ଜିଲାପାଳ ବ୍ୟସ୍ତ ଥିବାରୁ ଏ ନେଇ ତାଙ୍କର ପ୍ରତିକ୍ରିୟା ମିଳି ପାରିନାହିଁ। ଏନେଇ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ ମୁନୀଙ୍କୁ ପଚାରିବାରେ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଡାକ୍ତର ମଦନ ମୋହନ ପ୍ରଧାନ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ସଂଘମିତ୍ରା ପଣ୍ଡା, ବିଜୟ କୁମାର ସାହୁ, ଡ. ଦେବାନନ୍ଦ ସୁବୁଦ୍ଧିଙ୍କ ସମେତ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ସାମିଲ ଥିଲେ।


ଡାକ୍ତର ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ।

**ଡାକ୍ତରଙ୍କ ଖବରଦାତା ସମ୍ମିଳନୀ**

■ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ

